## ସଂକ୍ଷେପରେ

### ପୁଅ ଲୁହାରଡ଼୍ ଆକ୍ରମଣରେ ଗୁରୁତର ମା'ଙ୍କ ମୃତ୍ୟୁ

ରସୁଲପୁର,୨୮।୧(ରଞ୍ଜିତ ରାଉତ): କୁଆଖିଆ ଥାନା ବାହାଦଲାପୁର ପଞ୍ଚାୟତ ମହମ୍ମଦପୁର ଗ୍ରାମର ଶବର ସାହିରେ ଏକ ହତ୍ୟାକାଣ୍ଡ ଘଟିଛି। ପୁଅ ନିରଞ୍ଜନ ଦେଉରୀଙ୍କ ଲୁହାରଡ଼୍ ଆକ୍ରମଣରେ ଗୁରୁତର ମା'ଙ୍କ ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଲେ ରମା ଦେଉରୀ(୭୦)। ଏନେଇ ରମାଙ୍କ ବୋହୂ ରଶ୍ମିତା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୁକ୍ତ ନିରଞ୍ଜନଙ୍କୁ ଅଟକ ରଖି ପଚରା ଉଚୁରା ଚଳାଇଛି। ୨୫ତାରିଖ ରାତିରେ ନିରଞ୍ଜନ ଓ ରଶ୍ମିତାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ନିରଞ୍ଜନ ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରିବାକୁ ଏକ ଲୁହାରଡ଼୍ ଧରି ଆସିଥିଲେ। ଏହି ସମୟରେ ରମା ବୋହୂଙ୍କୁ ବଞ୍ଚାଇବା ପାଇଁ ପ୍ରୟାସ କରିଥିଲେ। ନିରଞ୍ଜନ ରଡରେ ସ୍ତ୍ରୀଙ୍କୁ ମାଡ଼ ମାରିବାକୁ ଉଦ୍ୟମ କରୁଥିବାସମୟରେ ରଡ ପ୍ରହାର ରମାଙ୍କ ମୁଣ୍ଡରେ ବାଜିଥିଲା। ଫଳରେ ତାଙ୍କ ମା'ଙ୍କ ମୁଣ୍ଡ ଫାଟିଯିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ବୋହୂ ରଶ୍ମିତା ପଡ଼ୋଶୀଙ୍କ ସହାୟତାରେ ରମାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ବୃଦ୍ଧାଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ଥିବା ଜାଣି ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ବୃଦ୍ଧା ଜଣକ ୩ଦିନ ଚିକିତ୍ସିତ ହେବାପରେ ଆଖି ବୁଜିଥିଲେ। ଏନେଇ ବୃଦ୍ଧାଙ୍କ ବୋହୂ କରିଥିବା ଅଭିଯୋଗ ଆଧାରରେ କୁଆଖିଆ ଥାନାରେ ନଂ.୪୩/୨୫ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଗଣ୍ଡଗୋଳରେ ବ୍ୟବହୃତ ସାମଗ୍ରୀକୁ ଜବତ କରିବା ସହ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ଏସ୍ଆଇ ହେମଲତା ଦାସ ମାମଲାର ତଦନ୍ତ କରୁଛନ୍ତି।

### ମହିଳାଙ୍କ ମୃତଦେହ ଦାହକଲା ଭଗତ ସିଂ ଯୁବକ ସଂଘ

ଯାଜପୁରରୋଡ୍,୨୮।୧(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ସହରର ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ମଙ୍ଗଳବାର ଜଣେ ଅସହାୟ ମହିଳାଙ୍କ ମୃତଦେହ ଦାହ କରାଯାଇଛି। ସେ ଧବଳଗିରି ହୁଡ଼ିସାହିର ବୋଲି ଜଣାପଡ଼ିଛି। ମହିଳାଙ୍କ ମୃତ୍ୟୁ ସମ୍ପର୍କରେ ୮ନଂ. ୱାର୍ଡ କାଉନସିଲର ଅଶୋକ ଦାଶ, ସାମାଜିକ କର୍ମୀ ରୋମ୍ୟରଞ୍ଜନ ପୁହାଣ ଭଗତ ସିଂ ଯୁବକ ସଂଘର ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କୁ ଜଣାଇଥିଲେ। ବିଶ୍ୱାଳ ସଙ୍ଗେସଙ୍ଗେ ପହଞ୍ଚି ହିନ୍ଦୁ ରୀତିନୀତିରେ ନିକଟସ୍ଥ ଶ୍ମଶାନରେ ମହିଳାଙ୍କ ମୃତଦେହ ସତ୍କାର କରାଇଥିଲେ। ଏଥିରେ ସଂଘ ସମ୍ପାଦକ ହେମନ୍ତ କୁମାର ଧୀର, ଟୁନା ସେଠୀ, ରଘୁନାଥ ଦାଶ, ଅରୁଣ ପ୍ରତାପ ସିଂ, ରମାକାନ୍ତ ଦାଶ, ସୁଜିତ ନନ୍ଦ, ଲକ୍ଷ୍ମଣ ତିରିଆ, ଶଙ୍କର ମୁଣ୍ଡା, ସୁର ସିଂ, ଜୟ ସିଂ, ଜୟା ବେହେରା, ରଙ୍ଗନାଥ ଦାଶ ଓ ଅଭିମନ୍ୟୁ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ଠକେଇ ଅଭିଯୋଗରେ ୨ ଯୁବକଙ୍କୁ ଗିରଫକଲା ପିପିଲି ପୋଲିସ

ଚଣ୍ଡିଖୋଲ,୨୮।୧ (ପ୍ରଦୀପ୍ତ କୁମାର ପୃଷ୍ଟି): ପୁରୀ ଜିଲା ପିପିଲି ଥାନା ଅଞ୍ଚଳରୁ ଠକେଇ କରି ଫେରାର ଥିବା ବଡ଼ଚଣା ଅଞ୍ଚଳର ୨ ଯୁବକଙ୍କୁ ପିପିଲି ପୋଲିସ ଗିରଫ କରିଛି। ସେମାନ ହେଲେ ବଡ଼ଚଣା ଥାନା ଅନ୍ତର୍ଗତ କୁନ୍ଦଳ ପଞ୍ଚାୟତ ସାନ ବ୍ରାହ୍ମଣୀ ଗ୍ରାମର ପବିତ୍ର କୁମାର ମଲ୍ଲିକ ଓ ସେହି ଗ୍ରାମର ପ୍ରିୟରଞ୍ଜନ ନାୟକ। ପ୍ରଥମେ ପୋଲିସ ପବିତ୍ରଙ୍କୁ ୫୩ନଂ. ଜାତୀୟ ରାଜପଥର ଶ୍ରୀରାମପୁର ଟୋଲ ଗେଟ ନିକଟରୁ ଧରିବା ପରେ ପ୍ରିୟରଞ୍ଜନଙ୍କୁ ଧରିଥିଲା। ସେମାନଙ୍କ ନିକଟରୁ ଏକ କାର, ବାଇକ୍ ଓ ଦୁଇ ସ୍କୁଟି ଜବତ କରାଯାଇଛି। ସୂଚନା ଅନୁଯାୟୀ, ଉଭୟ ଯୁବକ ପିପିଲି ଅଞ୍ଚଳରେ ପୁରୁଣା ଟଙ୍କା ବଦଳାଇବା ଓ ନୂତନ ନିଯୁକ୍ତି ପ୍ରଦାନ କରିବା ନାମରେ ଟଙ୍କା ନେଇ ଲୋକଙ୍କୁ ଠକିଥିଲେ। ଏନେଇ ପିପିଲି ଥାନାରେ ୩ ମାମଲା ରୁଜୁ ହୋଇଥିଲା। ଠକେଇ ପରେ ସେମାନେ ବଡ଼ଚଣା ଅଞ୍ଚଳରେ ରହୁଥିବା ପୋଲିସ ଜାଣିବାକୁ ପାଇଥିଲା। ତେଣୁ ପିପିଲି ପୋଲିସ ବଡ଼ଚଣା ପୋଲିସର ସହାୟତା ନେଇଥିଲା ବୋଲି ବଡ଼ଚଣା ଥାନା ଅଧିକାରୀ ଅସିତ କୁମାର ବଳବନ୍ତରାୟ ସୂଚନା ଦେଇଛନ୍ତି।

# ରାଜସ୍ୱ ବିଭାଗକୁ ଜବାବ ଦାଖଲ ନୋଟିସ

- ଆରୁହା ପାହାଡ଼ରୁ କଳାପଥର ଲୁଟ୍‌କୁ ନେଇ ଜନସ୍ୱାର୍ଥ ମାମଲା
- ବିଚାରାଧୀନ ୩ ଖାଦାନରୁ ଲୁଟ୍ ଅଣାୟତ୍ତ, ବିପୁଳ ରାଜସ୍ୱ ହାନି

ଯାଜପୁର,୨୮।୧(ହର୍ଷବର୍ଦ୍ଧନବେହେରା): ସ୍କୁଲ, ରେଲୱେ ଲାଇନ, ଜନବସତି ନିକଟରେ ଥିବା ଆରୁହା କଳାପଥର ଖାଦାନରୁ ବେଆଇନ ଉତ୍ତୋଳନ ଓ ପରିବହନ ଅଭିଯୋଗ ଉପରେ ପ୍ରଶାସନ ନୀରବ ରହିଛି। ଅଞ୍ଚଳବାସୀଙ୍କ ପକ୍ଷରୁ ଏନେଇ ବାରମ୍ବାର ଅଭିଯୋଗ କରାଯାଉଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅଞ୍ଚଳବାସୀ ବାୟୁ ପ୍ରଦୂଷଣରେ ଅତିଷ୍ଠ ହୋଇପଡ଼ିଛନ୍ତି। ଶେଷରେ ପ୍ରଭାବିତ ଅଞ୍ଚଳବାସୀଙ୍କ ପକ୍ଷରୁ ନୃସିଂହ ଚରଣ ବାରିକ ଓ ଅନ୍ୟମାନେ ନ୍ୟାୟ ପାଇଁ ହାଇକୋର୍ଟରେ ୨୮୦୩୨/୨୦୨୪ ନମ୍ବରରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ଏହି ମାମଲାକୁ ଭିତ୍ତି କରି ଓଡ଼ିଶା ଆଡଭୋକେଟ ଜେନେରାଲ କାର୍ଯ୍ୟାଳୟରୁ ଅତିରିକ୍ତ ସରକାରୀ ଓକିଲ ଦେବାଶିଷ ତ୍ରିପାଠୀ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀଙ୍କଠାରୁ ଆରମ୍ଭ କରି ଜଙ୍ଗଲ ଓ ପରିବେଶ ବିଭାଗ, ଡେପୁଟି ଡାଇରେକ୍ଟର ଜେନେରାଲ ମାଇନ୍ସ ସେଫ୍‌ଟି(ଡିଜିଏମ୍ଏସ୍),



ଯାଜପୁର ଡେପୁଟି ଡାଇରେକ୍ଟର ଅଫ୍ ମାଇନ୍ସ, ଯାଜପୁର ଜିଲାପାଳ, ଧର୍ମଶାଳା ତହସିଲଦାର, ଯାଜପୁର ଏସ୍‌ପି ଓ ଧର୍ମଶାଳା ଥାନା ଆଇଆଇସିଙ୍କୁ ତୁରନ୍ତ କାଉଣ୍ଟର ଆଫିଡାଭିଟ ଦାଖଲ କରିବାକୁ ପରାମର୍ଶ ଦେଇଛନ୍ତି।

ଆରୁହା ପାହାଡ଼ର ୩୫/୨୦୨୦-୨୧ ଏବଂ ୧୬/୨୦୧୬-୧୭ ନମ୍ବର ଖାଦାନ ସଂକ୍ରାନ୍ତୀୟ ମାମଲା ହାଇକୋର୍ଟରେ ବିଚାରାଧୀନ ରହିଥିଲେ ବି କଳାପଥର ବ୍ୟବସାୟୀ ମନୋଜ ଏବଂ ଶରତ ନିଜ ଲିଜ୍ ଅଞ୍ଚଳକୁ ବାଦ ଦେଇ ଦୈନିକ ୩୦୦୦ରୁ ୪୦୦୦ ଟନ କଳାପଥର ବେଆଇନ ଭାବେ ଉତ୍ତୋଳନ କରୁଛନ୍ତି। ୧୪୭ ଏକର ପରିମିତ ଆରୁହା ପାହାଡ଼ରେ ୫ଟି ଖାଦାନ ରହିଛି। ୨ଟି ଖାଦାନ ଲିଜ୍ ଦିଆଯାଇଥିବାବେଳେ ବାକି ଖାଦାନକୁ ନେଇ ହାଇକୋର୍ଟରେ ମାମଲା ଚାଲିଛି। କିନ୍ତୁ ଏହାର ପାଖ ଖାଦାନ ଦ୍ୱୟର ଲିଜ୍‌ଧାରୀମାନେ ତାଙ୍କ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ବାଦ ଦେଇ ଓ ପିଲରଗୁଡ଼ିକୁ ଘୁଞ୍ଚେଇ ଅନାୟାସରେ ଲୁଟ୍ କରୁଥିବା ଅଭିଯୋଗ ହେଉଛି। ଏଥିରେ ରାଜ୍ୟ ସରକାର ଅନେକ କୋଟି ଟଙ୍କା ରାଜସ୍ୱ ହରାଉଥିବା ଚର୍ଚ୍ଚା ହେଉଛି। ଏଥିଯୋଗୁ ଲିଜ୍‌ଧାରୀ ଏବଂ କଳାପଥର ବ୍ୟବସାୟୀମାନେ ବେଆଇନ ଉତ୍ତୋଳନ ସହ ବ୍ୟାପକ ବ୍ଲାଷ୍ଟିଂ ଯୋଗୁ ଧନଜୀବନ ବିପଦରେ ପଡ଼ିଛି। ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନ କରି ଏଭଳି ବେଆଇନ କାର୍ଯ୍ୟ ହେଉଥିବା ମୁରାରୀପୁର, ଆରୁହା, ଯୋଗଡା, ଖୁଣ୍ଟା, ଥାନୁଆଳ, ଗୁଆରଙ୍ଗ, କଣ୍ଟାମାଳିଆ, ପାଖର ଆଦି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରି କି ଧର୍ମଶାଳା ତହସିଲରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଲିଜ୍ ଦିଆଯାଇ ନ ଥିବା ଖାଦାନରୁ ଦିନରାତି ବେଆଇନ ଉତ୍ତୋଳନ ସଂକ୍ରାନ୍ତରେ ରାଜସ୍ୱ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି କୌଣସି ସୁଫଳ ମିଳୁନାହିଁ। ଏପରି କି ଧର୍ମଶାଳା ବିଧାୟକ ଲିଜ୍ ଦିଆଯାଇ ନ ଥିବା ଖାଦାନଗୁଡ଼ିକୁ ତୁରନ୍ତ ଆଇନ ଅନୁଯାୟୀ ଲିଜ୍ ଦେବାକୁ ପୂର୍ବରୁ ଅନୁରୋଧ କରିଥିଲେ ବି କେହି ଶୁଣିନାହାନ୍ତି। ଜିଲା ଲଘୁ ଖଣି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ୮୪ଟି କଳାପଥର ଖାଦାନ ରହିଛି। ସେଥିରୁ ମାତ୍ର ୨୨ ଖାଦାନରୁ ଉତ୍ତୋଳନ ପାଇଁ ଅନୁମତି ଦିଆଯାଇ ଇ-ଟ୍ରାନ୍‌ଜିଟ ପାସ୍(ଟିପି) ପ୍ରଦାନ କରାଯାଇଛି। ୯ ଖାଦାନ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଥିବାରୁ ସେଗୁଡ଼ିକୁ ବନ୍ଦ କରାଯାଇଛି। ଏହାସହ ଭୂସ୍ଖଳନ ପାଇଁ ଗୋଟିଏ, ଗୋଟିଏ ବିଲୁପ୍ତ ପ୍ରାୟ, ୨୫ଟି ଖାଦାନ କୋର୍ଟ କଚେରିରେ ଏବଂ ୯ଟି ବୈଧାନିକ ଭାବେ ବିଚାରାଧୀନ ରହିଛି। ଏହାବାଦ୍ ୧୭ଟି ଖାଦାନ ବିଭିନ୍ନ କାରଣରୁ ପରିଚାଳନା ହେଉନାହିଁ। ଲିଜ୍ ଖାଦାନଗୁଡ଼ିକରେ ଗୋଟିଏ ମେଶିନ ଏବଂ ୨ଟି କମ୍ପ୍ରେସର ବ୍ୟବହାର କରିବାକୁ ଅନୁମତି ଥିବାବେଳେ ଆରୁହା ପାହାଡ଼ର ଉପରୋକ୍ତ ଖାଦାନଗୁଡ଼ିକରେ ୨୦ଟି ଟୁ-ଟେନ ମେଶିନ ଓ ୧୮ କମ୍ପ୍ରେସର ଲାଗିଛି।

ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ହାଇକୋର୍ଟର ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ୧୪ ସବ୍‌ଇନ୍ସପେକ୍ଟର, ଜଣେ ଏଏସ୍ଆଇଙ୍କ ବଦଳି

ପାଣିକୋଇଲି,୨୮।୧(ବିକାଶ ମଲ୍ଲିକ): ଯାଜପୁର ଜିଲା ପୋଲିସର ୧୪ ଜଣ ସବଇନ୍ସପେକ୍ଟର ଓ ଜଣେ ଆସିଷ୍ଟାଣ୍ଟ ସବଇନ୍ସପେକ୍ଟର (ଏଏସ୍ଆଇ)ଙ୍କ ବଦଳି କରାଯାଇଛି। ଏନେଇ ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରୁ ଅର୍ଡର ନମ୍ବର ୧୫୫ରେ ଯାଜପୁର ଏସ୍‌ପି ଯଶପ୍ରତାପ ଶ୍ରୀମଲ ୨୭ ତାରିଖ ରାତ୍ରିରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବିଜ୍ଞପ୍ତି ଅନୁଯାୟୀ, ଦାନଗଦି ବିଟ ହାଉସର ସବ୍‌ଇନ୍ସପେକ୍ଟର ଅଜୟ ସାହୁଙ୍କୁ ଯାଜପୁରରୋଡ ଥାନା, ଜିଲା ପୁଲିସ ମୁଖ୍ୟାଳୟରୁ ଅମୂଲ୍ୟ କୁମାର ମିଶ୍ରଙ୍କୁ ଦାନଗଦି ବିଟ ହାଉସ, ଅଳକୁଣ୍ଡ ଥାନାରୁ ପ୍ରଶାନ୍ତ କୁମାର ଦାଶଙ୍କୁ ପାଣିକୋଇଲି ଥାନା, ଯାଜପୁରରୋଡ ଥାନାରୁ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନଙ୍କୁ କାଳିଆପାଣି ଥାନା, ବିଞ୍ଝାରପୁର ଥାନାରୁ କଳ୍ପଲତା ପ୍ରଧାନଙ୍କୁ ସୁକିନ୍ଦା ଥାନା, ସୁକିନ୍ଦା ଥାନାର ସୁଦାମ ଚରଣ ନାୟକ, ଅଭୟ ନାୟକ ଓ ଗୋପାଳ ଦାସଙ୍କୁ ବିଞ୍ଝାରପୁର ଥାନା, ବାଲିଚନ୍ଦ୍ରପୁର ଥାନାର ସାରଥି ମହାନ୍ତିଙ୍କୁ ପାଣିକୋଇଲି ଥାନା, ପାଣିକୋଇଲି ଥାନାର ସ୍ମୃତି ମଞ୍ଜରୀ ବଡ଼ଜେନାଙ୍କୁ ଯାଜପୁର ସଦର ଥାନା, ପ୍ରକାଶ କୁମାର ପ୍ରଧାନଙ୍କୁ ଟମକା ଥାନା, ଟମକା ଥାନାର ଫିରୋଜ ଏକ୍କାଙ୍କୁ ଜିଲା ପୋଲିସ ମୁଖ୍ୟାଳୟ, ବିଞ୍ଝାରପୁର ଥାନାର ସୁବ୍ରତ କୁମାର ସାହୁ, ବିଶ୍ୱନାଥ କରଙ୍କୁ ସୁକିନ୍ଦା ଥାନା, ଜେନାପୁର ଥାନାର ଏଏସ୍ଆଇ ରଞ୍ଜିତା ମହାରଣାଙ୍କୁ ଯାଜପୁର ସଦର ଥାନାକୁ ବଦଳି କରାଯାଇଛି।

## କୋଇଲା ଜବତକୁ ନେଇ ଉତ୍ତେଜନା



ଜବତ ହୋଇଥିବା କୋଇଲାକୁ ଟ୍ରକ୍‌ରେ ନିଆଯାଉଛି।

ପାଣିକୋଇଲି,୨୮।୧(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥରୁ ବାଲିପଶି ଯାଇଥିବା ରାସ୍ତା କଡ଼ରେ ଚୋରା କୋଇଲା ବ୍ୟବସାୟ ଚାଲିଥିବାବେଳେ ମଙ୍ଗଳବାର ଯାଜପୁରରୋଡ ଖଣି ବିଭାଗ ପାଣିକୋଇଲି ପୋଲିସ ସହାୟତାରେ ଚଢ଼ାଉ କରିଛି। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ବିଭାଗର ଅଧିକାରୀ ମାତ୍ରାଧିକ କୋଇଲା ଗଚ୍ଛିତ ଥିବା ଦେଖିବା ପରେ ଏହା କାହାର ବୋଲି ତଦାରଖ କରିଥିଲେ। ହେଲେ କେହି ମୁହଁ ଖୋଲି ନ ଥିଲେ। ଫଳରେ ଖଣି ଅଧିକାରୀ ରଞ୍ଜିତ ଦାସ ଓ ତାଙ୍କ ଟିମ ଏକ ହାଇୱା ଓ ଜେସିବି ମଗାଇ ଜବତ ଚୋରା କୋଇଲାକୁ ବୋଝେଇ କରିଥିଲେ। ଏହି ସମୟରେ ଚୋରା କୋଇଲା ବେପାରୀ ପହଞ୍ଚି ଗାଡ଼ି ଲୋଡ୍ ବନ୍ଦ କରିବା ସହ ପୋଲିସ ଓ ଖଣି ବିଭାଗ ଅଧିକାରୀଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ କିଛି ସମୟ କୋଇଲା ବୋଝେଇ ବନ୍ଦ ରହିଥିଲା। ଅଞ୍ଚଳରେ ଥିବା ସବୁ କୋଇଲା ସିଜ କରିବାକୁ ବେପାରୀ ଜଣକ ଦାବି କରିଥିଲେ। ଶେଷରେ ଖଣି ବିଭାଗ କୋଇଲାକୁ ଏକ ହାଇୱାରେ ଜବତ କରି ନେଇଥିବା ବେଳେ ଆଉ କିଛି କୋଇଲା ରହିଯାଇଥିଲା। ଖଣି ବିଭାଗ ଜବତ କୋଇଲାକୁ ଯାଜପୁରରୋଡ କାର୍ଯ୍ୟାଳୟକୁ ନେଇଥିବାବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ଥାନାଧିକାରୀ ରଞ୍ଜିତ ମହାନ୍ତି କହିଛନ୍ତି।

## ମଣ୍ଡିକୁ ଆସୁନାହିଁ ଗାଡ଼ି, ପ୍ରତିବାଦକଲେ ଚାଷୀ



ରାସ୍ତା ଉପରେ ଧାନବସ୍ତା ରଖି ଚାଷୀମାନେ ଧାରଣା ଦେଇଛନ୍ତି।

ଦଶରଥପୁର,୨୮।୧(ସୁଶାନ୍ତ କୁମାର ବେହୁରିଆ): ଦଶରଥପୁର ବ୍ଲକ ଅଧୀନ ପାଲଟପୁର ସମବାୟ ସମିତି ଏବଂ ବିଶ୍ୱ ମା' ତାରିଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଣ୍ଡିକୁ ମିଲର ପଠାଉନାହାନ୍ତି ଗାଡ଼ି। ଫଳରେ ୫ ଦିନ ହେଲା ମଣ୍ଡିରେ ପଡ଼ିରହିଛି ବିପୁଳ ଧାନ। ଏଥିସହିତ ଷଣ୍ଢଙ୍କ ଉତ୍ପାତ ଫଳରେ ଧାନ ସୁରକ୍ଷା ପାଇଁ ରାତି ଅନିଦ୍ରା ହୋଇ ଜଗୁଛନ୍ତି ଚାଷୀ। ମିଲର ସଂସ୍ଥା ଆଶୀର୍ବାଦ, କୃପାଳୁ, ଇଷ୍ଟର୍ନ ଆଦିଙ୍କୁ ଧାନ କିଣା ଦାୟିତ୍ୱ ମିଳିଥିବାବେଳେ ସେମାନେ ଆଜିକାଲି କରି ଧାନ କିଣିବାକୁ ଆସୁନାହାନ୍ତି କିମ୍ବା ଗାଡ଼ି ପଠାଉନାହାନ୍ତି। ଏହାକୁ ନେଇ ମଙ୍ଗଳବାର ଅପରାହ୍ନରେ ମଙ୍ଗଳପୁର-ନାରୀଗାଁ ମୁଖ୍ୟ ରାସ୍ତାର ପାଲଟପୁର ଛକଠାରେ ଚାଷୀମାନେ ରାସ୍ତା ଉପରେ ଧାନ ବସ୍ତା ରଖି ପ୍ରତିବାଦ କରିଛନ୍ତି। ପ୍ରାୟ ୩ ଘଣ୍ଟା ରାସ୍ତା ଅବରୋଧ ପରେ ଅତିରିକ୍ତ ତହସିଲଦାର ରଶ୍ମି ରଞ୍ଜନ ମଲିକ, ବାବୁରାମ ମୁର୍ମୁ, ମଙ୍ଗଳପୁର ଆଇଆଇସି ଜଗଦୀଶ କର ପ୍ରମୁଖ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବା ପରେ ୨ ମଣ୍ଡିରେ ୩ ଗାଡ଼ି ପହଞ୍ଚିଥିଲା। ବୁଧବାରଠାରୁ ପୁନର୍ବାର ଗାଡ଼ି ନ ଆସିଲେ ପୁନଶ୍ଚ ଆନ୍ଦୋଳନ କରାଯିବ ବୋଲି ମଙ୍ଗଳପୁର ଥାନାରେ ଚାଷୀମାନେ ଲିଖିତ ଅଭିଯୋଗ କରିଛନ୍ତି। ମଣ୍ଡିରେ ବାରମ୍ବାର ଏପରି ଉପୁଜୁଥିବା ସମସ୍ୟାର ସମାଧାନ ଦିଗରେ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପାଲଟପୁର ସରପଞ୍ଚ ଲିପିକା ମଲିକ, ଚନ୍ଦ୍ରଶେଖର ସାହୁ, ସାଗର ରଞ୍ଜନ ପରିଡା, ଅନନ୍ତ ଜେନା, ସୂର୍ଯ୍ୟମଣି ମିଶ୍ର, ଚକ୍ରଧର ନାୟକ, ପ୍ରମୋଦ ମଲିକ, ପ୍ରଶାନ୍ତ ମଲିକ, କାଳନ୍ଦୀ ମଲିକ, ତନ୍ମୟ ରାଉତ, ଶମ୍ଭୁନାଥ ଜେନା, ପ୍ରଶାନ୍ତ କୁମାର ମିଶ୍ର, ଶ୍ରୀଧର ମିଶ୍ର, ବିଜୟ ନନ୍ଦ, ନିରଞ୍ଜନ ପତି, ବିଚିତ୍ର ପଣ୍ଡା, ବିଜୟ କୁମାର ପାଢ଼ୀ ଓ ଯଯାତି କେଶରୀ ସାହୁଙ୍କ ସମେତ ବହୁ ଚାଷୀ ଦାବି କରିଛନ୍ତି।

## ବିସ୍ଥାପିତଙ୍କ ଧାରଣା

କଳିଙ୍ଗନଗର,୨୮।୧(ଶୁଭାଶିଷ ରାଉତ): କଳିଙ୍ଗନଗର ଶିଳ୍ପାଞ୍ଚଳର ଟାଟା ଷ୍ଟିଲ କାରଖାନା ମୁଖ୍ୟ ଫାଟକ ଆଗରେ ମଙ୍ଗଳବାର ବିସ୍ଥାପିତମାନେ ଧାରଣା ଦେଇଛନ୍ତି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଧାରଣାରେ ବସିରହିବେ ବୋଲି ସେମାନେ କହିଛନ୍ତି। ବିସ୍ଥାପିତଙ୍କ ଦାବି ଯେ, ତାଙ୍କର ୧୮ବର୍ଷରୁ ଅଧିକ ବୟସ ପିଲାଙ୍କୁ ସବୁ ସୁବିଧା ମିଳୁ। ୪୦ ବର୍ଷ ବୟସ ହେଲେ ସ୍ୱେଚ୍ଛାକୃତ ଅବସର ପାଇଁ କମ୍ପାନୀ ବାଧ କରୁଛି। ସେମାନେ ଏହାକୁ ବିରୋଧ କରିଛନ୍ତି। ଜୋର ଜବରଦସ୍ତ କମ୍ପାନୀ ବାହାର ଲୋକଙ୍କୁ ନିଯୁକ୍ତି ଦେଉଛି। ଜମି ନେଇ କାରଖାନା ନିର୍ମାଣ କଲା ପରେ ଦେଇଥିବା ପ୍ରତିଶ୍ରୁତି ପାଳନ କରୁନାହିଁ। ଦୀର୍ଘ ବର୍ଷ ହେଲା ବିସ୍ଥାପିତ ଆନ୍ଦୋଳନ କରୁଛନ୍ତି। କିନ୍ତୁ ଜିଲା ପ୍ରଶାସନ ଏହାର ସମାଧାନ କରିବାରେ ବିଫଳ ହେଉଛି। ଦିନତମାମ କାମ କରି ହଜାର ହଜାର ଶ୍ରମିକ କାରଖାନା ଭିତରେ ଥିବା ବେଳେ ସନ୍ଧ୍ୟାରେ ହୋହଲ୍ଲା କରି ଫାଟକ ଖୋଲି ପଳାଇ ଯାଇଛନ୍ତି। ଆନ୍ଦୋଳନକାରୀ ଫାଟକ ଆଗରେ ବସି ରହିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ଶ୍ରମିକଙ୍କ ମୃତଦେହ ଜବତ

କଳିଙ୍ଗନଗର,୨୮।୧(ଶୁଭାଶିଷ ରାଉତ): କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ଯାଜଦିନ ଷ୍ଟିଲ ଆଣ୍ଡ ପାୱାରରେରୁ ଜଣେ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତ ଶ୍ରମିକ କଳିଙ୍ଗନଗର ଥାନା ଅନ୍ତର୍ଗତ କଇଥା ଗ୍ରାମର ଚୈତନ୍ୟ ଦଳାଇ ବୋଲି ଜଣାପଡ଼ିଛି।

ମଙ୍ଗଳବାର ବିଏସଏସ ପାୱାର ଠିକା ସଂସ୍ଥା ଅଧୀନରେ ଶ୍ରମିକମାନେ କମ କରିବାକୁ ସକାଳ ୬ଟାରେ ଆସିଥିଲେ। କିଛି ସମୟ ପରେ କାର୍ଯ୍ୟରତ ଶ୍ରମିକମାନେ ଝୁଲନ୍ତା ଅବସ୍ଥାରେ ଶ୍ରମିକଙ୍କ ମୃତଦେହ ଦେଖିବାକୁ ପାଇଥିଲେ। କାରଖାନା ପକ୍ଷରୁ ପୋଲିସକୁ ଖବର ଦିଆଯାଇଥିଲା। ଯଖପୁରା ପୋଲିସ ଓ ସାଇଣ୍ଟିଫିକ ଦଳ ପହଞ୍ଚି ଏହାର ତଦନ୍ତ କରିଥିଲେ। ଶ୍ରମିକଙ୍କ ପରିବାର ଲୋକେ ପୁଅକୁ ମାରିଦିଆଯାଇଥିବା ଅଭିଯୋଗ କରି କାରଖାନା ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଆଲୋଚନା ପରେ କ୍ଷତିପୂରଣ ବାବଦକୁ ୧୬ଲକ୍ଷ ଟଙ୍କା ଓ ଶୁଦ୍ଧିକ୍ରିୟା ପାଇଁ ୫୦୦୦୦ ଟଙ୍କା ଦିଆଯାଇଥିଲା। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏହି ଆଲୋଚନାରେ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ, ମଣ୍ଡଳ ସଭାପତି କୃପାସିନ୍ଧୁ ସାମନ୍ତରାୟ କାରଖାନା ଅଧିକାରୀ, ଜଗତନନ୍ଦ ଶତପଥୀ, ରଞ୍ଜନ ପରିଡ଼ା, ପ୍ରଭାତ ରଞ୍ଜନ ମହାରଣା ଓ ଦେବବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସବୁଠି ଶୁଭିଲା ଜାତୀୟ ସଙ୍ଗୀତ

ରସୁଲପୁର,୨୮।୧(ରଞ୍ଜିତ ରାଉତ): ରସୁଲପୁର ବ୍ଲକର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ରସୁଲପୁର ବ୍ଲକରେ ବିଡିଓ ସତ୍ୟାନନ୍ଦ ଦାଶ, କୁଆଖିଆ ଥାନାରେ ଅଧିକାରିଣୀ ଚିନ୍ମୟୀ ସାହୁ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ନିରଞ୍ଜନ ସାହୁ, ରସୁଲପୁର ଦମକଳ କେନ୍ଦ୍ରରେ ଭାରପ୍ରାପ୍ତ ଅଧିକାରୀ ଖେଳରାମ ମାରାଣ୍ଡି, କୁଆଖିଆ ପ୍ରେସ୍ କ୍ଲବରେ ସଭାପତି ନିଗମାନନ୍ଦ ମହାନ୍ତି, ରସୁଲପୁର ପ୍ରେସ୍ ଫୋରମରେ ସଭାପତି ବିଶ୍ୱଜ୍ୟୋତି ପତି, ପଲ୍ଲିପ୍ରଭା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସୁରେନ୍ଦ୍ର ରାଉତ, ମା'ହେଙ୍ଗୁଳା ବିରଷ୍ଠ ନାଗରିକ ସଂଘର ସଭାପତି କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ଭୋଟକା ପଞ୍ଚାୟତରେ ସରପଞ୍ଚ ସ୍ମୃତିରେଖା ରାଉତ ପତାକା ଉତ୍ତୋଳନ କରିଥିଲେ ।

**ବିଞ୍ଝାରପୁର, (ରାମକୃଷ୍ଣଦାସ):** ବିଞ୍ଝାରପୁର ବ୍ଲକ ପରିସରରେ ବିଧାୟିକା ପ୍ରମିଳା ମଲ୍ଲିକ, ବିଞ୍ଝାରପୁର ଥାନାରେ ଆଇଆଇସି ବାମଦେବ ନନ୍ଦ, ଅଳକୁଣ୍ଡ ଥାନାରେ ଥାନାଧିକାରୀ ଦେବାଶିଷ ଶତପଥୀ, ବିପିଟିଆଇଆରରେ ସୁଶାନ୍ତ ମିଶ୍ର, ବିଇଓଙ୍କ କାର୍ଯ୍ୟାଳୟରେ ବିଇଓ ସୁବାସ ଚନ୍ଦ୍ର ବିଶ୍ୱାଳ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ତୃପ୍ତାଞ୍ଜଳି ରଥ, କଟକ ସେଣ୍ଟ୍ରାଲ ସମବାୟ ବ୍ୟାଙ୍କରେ ମ୍ୟାନେଜର ସଦାଶିବ ଦାସ ପତାକା ଉତ୍ତୋଳନ କରିଥିଲେ। ବିଞ୍ଝାରପୁର ପଞ୍ଚାୟତ କାର୍ଯ୍ୟାଳୟରେ



ଯାଜପୁର କଂଗ୍ରେସ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯାଉଛି।

ସରପଞ୍ଚ ଆଶାଲତା ସାହୁ, ଅଳକୁଣ୍ଡ ପଞ୍ଚାୟତରେ ସରପଞ୍ଚ ସୁଶାନ୍ତ ଦାସ, ମାଁସଡା ପଞ୍ଚାୟତରେ ସରପଞ୍ଚ କଳିକା ଦାସ, ଶାସନ୍ଦାରେ ସରପଞ୍ଚ କାମଦେବ ଧଳ, ଉତ୍ତରକୂଳରେ ସରପଞ୍ଚ ପ୍ରୀତିକ୍ରିଷ୍ଟା ଜେନା, କଏଣା ରଘୁନାଥପୁର ପଞ୍ଚାୟତରେ ସରପଞ୍ଚ ନିଶିପ୍ରଭା ଜେନା, ସୟଦପୁର ପଞ୍ଚାୟତ ସରପଞ୍ଚ ଏମ. ଡି. ସବିର, ବିଞ୍ଝରପୁର ପାର୍କରେ ସଭାପତି ଅଶୋକ ସାହୁ ପତାକା ଉତ୍ତୋଳନ କରିଥିଲେ । ଖରିଆ ପ୍ରାଥମିକ କୃଷି ସମବାୟ ସେବା ସମିତିରେ ସମ୍ପାଦକ ସମିର ମଲ୍ଲିକ , ବରୁଣେଇ ପ୍ରାଥମିକ କୃଷି ସମବାୟ ସେବା ସମିତିରେ ସମ୍ପାଦକ ମାନସ କବି ପ୍ରମୁଖ ପତକା ଉତ୍ତୋଳନ କରିଥିଲେ ।

**ଧର୍ମଶାଳା,(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ମହୋତ୍ସବ ପଡ଼ିଆରେ ବ୍ଲକ ପକ୍ଷରୁ ଆୟୋଜିତ ସାଧାରଣତନ୍ତ୍ର ଦିବସରେ ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଧର୍ମଶାଳା ବିଜେଡି କାର୍ଯ୍ୟାଳୟରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ଜାରକା ଜଳସେଚନ କାର୍ଯ୍ୟାଳୟରେ ଅଧୀକ୍ଷଣଯନ୍ତ୍ରୀ କାମଦେବ ଦାସ, ଜାରକା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦ୍ୟୁମ୍ନ ସେଠୀ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଶୁଭଙ୍କର ମହାନ୍ତି , ଧର୍ମଶାଳା ଥାନାରେ ଥାନାଅଧିକାରୀ ତପନ ନାୟକ ଏବଂ ଜେନାପୁର ଥାନାରେ ଥାନା ଅଧିକାରୀ ନିରୁପମା ଜେନା ପତାକା ଉତ୍ତୋଳନ କରିଥିଲେ । ଧର୍ମଶାଳା ଅରଙ୍ଗାବାଦସ୍ଥିତ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରଠାରେ ପ୍ରତିଷ୍ଠିତ ସାହିତ୍ୟିକ ଡଃ. ରାଜକିଶୋର ପାଢୀ, ଧର୍ମଶାଳା ପ୍ରେସ କ୍ଲବ କାର୍ଯ୍ୟାଳୟରେ ସଭାପତି ରମାକାନ୍ତ ଜେନା, ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ଭାଜପା କାର୍ଯ୍ୟାଳୟରେ ନାରୀନେତ୍ରୀ ସ୍ମୃତିରେଖା ପହି, କଂଗ୍ରେସ ପକ୍ଷରୁ ଗୋପବନ୍ଧୁ ଛକରେ ପୂର୍ବତନ ବ୍ଲକ ଅଧକ୍ଷ କିଶାନ ପଣ୍ଡା ପତାକା ଉତ୍ତୋଳନ କରିଥିଲେ । ପତଞ୍ଜଳି ଯୋଗ ସମିତିରେ କ୍ୟାପଟେନ୍ ତ୍ରିଲୋଚନ ବିଶ୍ୱାଳ, ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ସଭାପତି ଆଶାତରୁ ନାୟକ, ଧର୍ମଶାଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡା, ମହିଳା ଜୁନିୟର କଲେଜରେ ଅଧକ୍ଷା କବିତା ସାମଲ, ରେନେସାଂ କଲେଜରେ ସମ୍ପାଦକ ବିଭୁତି ଭୁଷଣ ରାଉତ, ରୋଟାରି କ୍ଲବ ଜାରକାରେ ସଭାପତି ରାଜେନ୍ଦ୍ର କୁମାର ପଲେଇ, ମହିଳା ଡ଼ିଗ୍ରୀ କଲେଜର ଅଧକ୍ଷା ଇନ୍ଦୁପ୍ରଭା ସାମଲ ପତାକା ଉତ୍ତୋଳନ କରିଥିଲେ ।

**ବ୍ରହ୍ମବରଦା,(ଯାଯାତି କେଶରୀ ବେହେରା):** ବ୍ରହ୍ମବରଦା ପ୍ରେସ କ୍ଲବ୍‌ରେ ସଭାପତି ବାପୁଜୀ ଚରଣ ଜେନା, ଭାଜପା କାର୍ଯ୍ୟାଳୟରେ ବରୀର ଯୁବନେତା ଉମେଶ ଜେନା, ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ମନୋରଞ୍ଜନ ବିଶ୍ୱାଳ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷାବିତ୍ ପଞ୍ଚାନନ ରାଉତ,ବ୍ରହ୍ମବରଦା ଆଞ୍ଚଳିକ ବିଡ଼ି ଶ୍ରମିକ ସଂଘ କାର୍ଯ୍ୟାଳୟରେ ସଂଘର ସଭାପତି ପ୍ରଦୀପ ଦାସ ଓ ବ୍ରହ୍ମବରଦା ତାରିଣୀ ଛକ ବଣିକ ସଂଘ କାର୍ଯ୍ୟାଳୟରେ ସଭାପତି ଅରୁଣ ବେହେରା ଜାତୀୟ ପତକା ଉତ୍ତୋଳନ କରିଥିଲେ।

**ଯାଜପୁର ସଦର,(ସମର ବିଜୟ ଶରଣ):** ଯାଜପୁର ସଦର ଥାନାରେ ଥାନାଧିକାରୀ ଶଙ୍କର୍ଷଣ ଦଳାଇ, ଉପରବରୁଆଁ ପଞ୍ଚାୟତରେ ସରପଞ୍ଚ ଅନାହାର ବାନୋ , ଜମଧର ପଞ୍ଚାୟତରେ ସରପଞ୍ଚ ବାଦଲ ଖୁଣ୍ଟିଆ, ସୁଜନପୁର ପଞ୍ଚାୟତରେ ସରପଞ୍ଚ ବିଷ୍ଣୁପ୍ରିୟା ମହାକୁଡ଼, ମହେଶରପୁର ପଞ୍ଚାୟତରେ ସରପଞ୍ଚ ସୁଜିତ୍ ରାୟ, ଜଳସମ୍ପଦ କାର୍ଯ୍ୟାଳୟ ଓ ବରୁଆଁ ପାର୍କରେ ସଭାପତି ବ୍ରଜ କିଶୋର ପାଢ଼ୀ, ପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ଝୁମ୍ପୁରୀ,(ସରୋଜ ନାୟକ):** ଶରଥପୁର ଥାନାରେ ଥାନାଧିକାରୀ ବଦ୍ରିକାନାଥ ବେହେରା, ମଙ୍ଗଳପୁର ଥାନାରେ ଥାନାଧିକାରୀ ଜଗଦୀଶ କର, କୟାଁ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ମନ୍ଦାକିନୀ ମଲିକ, ବିରିପଟାରେ ସରପଞ୍ଚ ଗାୟତ୍ରୀ ନାୟକ, ଖାନନଗରରେ ସରପଞ୍ଚ ଶୁଭଶ୍ରୀ ମଲିକ, ଦଉପୁରରେ ସରପଞ୍ଚ ସୁଚୀସ୍ମିତା ମହାନ୍ତି, ଦଶରଥପୁରରେ ସରପଞ୍ଚ ମୀନାରାଣୀ ବେହେରା, ଅସନପୁରରେ ସରପଞ୍ଚ କାଞ୍ଚନ ମଲିକ, ଗ୍ରାମନନ୍ଦିପୁରରେ ସରପଞ୍ଚ ସଂଯୁକ୍ତା ମହାନ୍ତି ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ଦଶରଥପୁର ସାରସ୍ୱତ ସାହିତ୍ୟ ସାଂସ୍କୃତିକ ପରିଷଦରେ ଶିକ୍ଷାବିତ୍ ବିଜୟ ମୋହନ ରାୟ, ଦେଉଳିବାଡ଼ସ୍ଥିତ ବରିଷ୍ଠ ନାଗରିକ ପରିଷଦରେ ସମ୍ପାଦକ ଦୀନବନ୍ଧୁ ରାଉତ, ମଙ୍ଗଳପୁର କମ୍ୟୁନିଷ୍ଟ କାର୍ଯ୍ୟାଳୟରେ ବରିଷ୍ଠ ସଭ୍ୟ ନିରଞ୍ଜନ ବିଶ୍ୱାଳ, ଝୁମ୍ପୁରୀ ବଜାର ବଣିକ ସଂଘରେ ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଦାସ, ମଙ୍ଗଳପୁର ବଜାର ବଣିକ ସଂଘରେ ସଭାପତି ଚକ୍ରଧର ବେହୁରିଆ, ଦଶରଥପୁର ସରସ୍ୱତୀ ଶିଶୁ ମନ୍ଦିରରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ଦଶରଥପୁର ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁଜାତୀୟପତାକା ଉତ୍ତୋଳନକରିଥିଲେ।

**କାଳିଆପାଣି,(ଅସିତ ମହାନ୍ତ):** ଯାଜପୁର କ୍ରୋମାଇଟ ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଖଣି ଗୁଡ଼ିକରେ ବାଦ ବିବାଦ ଲାଗି ରହିଛି । ଏପରି ସ୍ଥଳେ ୨ ନୂତନ ସଙ୍ଗଠନ ଓଡ଼ିଶା ମାଇନିଂ ୱାର୍କର ୟୁନିୟନର ସାଧାରଣ ସମ୍ପାଦକ ଅମଳେନ୍ଦୁ ବେହୁରା ସଂଘ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିଥିଲେ । ସୁକିନ୍ଦା ରିଜିଅନ କ୍ରୋମାଇଟ ଖାଦାନ ମଜଦୁର ସଂଘ ଉପଦେଷ୍ଟା ପୂର୍ବତନ ମନ୍ତ୍ରୀ ଡ.ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ କାଳିଆପାଣିସ୍ଥିତ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତେଜନା କରିଥିଲେ। କାଳିଆପାଣି ଖଣି ଅଞ୍ଚଳର ଟାଟା ଷ୍ଟିଲ, ଖଣି ନିଗମ, ବେଦାନ୍ତ ଫେକର, ଜିନ୍ଦଲ ଓ ଇମ୍ଫା ପକ୍ଷରୁ ନିଜ ନିଜ ଖଣି କଲୋନୀରେ ସାଧାରଣତନ୍ତ୍ର ଦିବସ ପାଳିତ ଥିଲେ।

**ଶିବିରରେ ୮୦ ୟୁନିଟ୍ ରକ୍ତ ସଂଗ୍ରହ**

ପାଟକୁରା, (ରବୀନ୍ଦ୍ର ନାଥ ବାରିକ ): ଗରଦପୁର ବ୍ଲକ ଲଛମନଜୀଉ ପୀଠ ଚାଞ୍ଚୋଳଠାରେ ହାପି ଲିଭିଂ ଫାଉଣ୍ଡେସନ ଭୁବନେଶ୍ୱର ପକ୍ଷରୁ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଫାଉଣ୍ଡେସନର ସଭାପତି ସନ୍ତୋଷ କୁମାର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ, ମଦନ ମୋହନ ସାମଲ, ବଂଶୀଧର ସାମଲ, ସାମାଜିକ କର୍ମୀ ଲେଲିନି ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। କେନ୍ଦ୍ରୀୟ ରେଡ୍‌କ୍ରସ ସଂସ୍ଥା କଟକ ସହାୟତାରେ ଶିବିରରେ ୮୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ବାସ୍ତୁବିତ୍ ଡ. ମନୋଜ ଲେଙ୍କା, ସମ୍ପାଦକ ପ୍ରଭାତ ନାୟକ ଓ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସଂକ୍ଷେପରେ

### ନକଲି ମଦ ସହ ଜଣେ ଗିରଫ

**ପଟ୍ଟାମୁଣ୍ଡାଇ, ୨୮।୧ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବାଲିପଡା ଗ୍ରାମରେ ଜଣଙ୍କ ଘରେ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇ ବିପୁଳ ପରିମାଣର ନକଲି ମଦ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ମହିଳା ଜଣଙ୍କ ବଲିପଡା ଗ୍ରାମର କାଳାମଣୀ ବିଶ୍ୱାଳ। ତାଙ୍କ ନାମରେ ଏକ ଅବକାରୀ ମାମଲା ରୁଜୁ ହୋଇ କୋର୍ଟ ଚାଲାଣ କରାଯାଇଛି ବୋଲି ଇନ୍ସପେକ୍ଟର ପଦ୍ମଲୋଚନ ନାଏକ ସୂଚନା ଦେଇଛନ୍ତି। ବାଲିପଡାରେ ନକଲି ବେଆଇନ ମଦ ପ୍ରସ୍ତୁତ କରାଯାଇ ବିକ୍ରି ହେଉଥିବା ନେଇ ବିଶେଷ ସୂତ୍ରରୁ ଅବକାରୀ ବିଭାଗ ସୂଚନା ପାଇଥିଲା। ଏ ନେଇ କେନ୍ଦ୍ରାପଡ଼ା ଅବକାରୀ ଏସ୍‌ପି ବିପ୍ରଚରଣ ମଣ୍ଡଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଇନ୍ସପେକ୍ଟର ନାଏକ ଓ ସବ-ଇନ୍ସପେକ୍ଟର ନରେଶ ପଣ୍ଡାଙ୍କ ନେତୃତ୍ୱରେ ଟୁକୁନା ପ୍ରଧାନ, ଏଏସ୍‌ଆଇ ରେଣୁକା ମଲିକ କନେଷ୍ଟବଳ ପ୍ରଶାନ୍ତ ଘଡେଇ, ସୁନୀଲ ମିଶ୍ର, ଲିକନ ପ୍ରଧାନ ପ୍ରମୁଖ ବାଲିପଡ଼ା ନକଲି ମଦ କାରବାର କରୁଥିବା ପ୍ରହ୍ଲାଦ ବିଶ୍ୱାଳଙ୍କ ଘରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଅବକାରୀ କର୍ତ୍ତୃପକ୍ଷଙ୍କୁ ଦେଖି ମଦ ପ୍ରହ୍ଲାଦ ଫେରାର ହୋଇଯାଇଥିବା ବେଳେ ତାଙ୍କ ମା' କାଳାମଣୀଙ୍କୁ ଅବକାରୀ ବିଭାଗ ଗିରଫ କରିଛି।

### କ୍ରିକେଟ ଟୁର୍ନାମେଣ୍ଟ: ଉଦ୍‌ଘାଟନୀ ମ୍ୟାଚରେ ଅପଣ୍ଡରା ବିଜୟୀ

**ବାଲିକୁଦା, ୨୮।୧(ତାପସ ସ୍ୱାଇଁ)**

ବାଲିକୁଦା ବ୍ଲକ ବରମୁଣ୍ଡଳି ପଞ୍ଚାୟତ ଲୋଟସ କ୍ରିକେଟ୍ କ୍ଲବ ଓଳାଂଶ ଆନୁକୂଲ୍ୟରେ ଆୟୋଜିତ ୩୫ତମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ଲୋଟସ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। କ୍ଲବ ସମ୍ପାଦକ ସୋମ୍ୟରଞ୍ଜନ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଡାକ୍ତର ଲଲାଟେନ୍ଦୁ ମହାପାତ୍ର, ମୁଖ୍ୟବକ୍ତା ଭାବେ ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଗଙ୍ଗାଧର ନାୟକ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ମହାବୀର କ୍ରିକେଟ କ୍ଲବ ଖାଲଗାଁ ଓ ଗାଦିବ୍ରହ୍ମ କ୍ରିକେଟ କ୍ଲବ ଅପଣ୍ଡରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖାଲଗାଁ ଟସ୍ ଜିତି ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ଗାଦିବ୍ରହ୍ମ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୪ ଉଇକେଟ୍ ହରାଇ ୧୮୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଖାଲଗାଁ ଟିମ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୮୭ ରନ କରି ମାତ୍ର ୧ ରନରେ ପରାଜିତ ହୋଇଛି। ଫଳରେ ଅପଣ୍ଡରା ଦଳ ପ୍ରଥମ ଦଳ ଭାବେ ସେମିରେ ପ୍ରବେଶ କରିଛି। ମ୍ୟାଚରେ ଅମ୍ପାୟାର ଭାବେ ଦୀପକ ଦାସ ଓ ପ୍ରଭାଞ୍ଜନ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ। ସ୍କୋରିଂରେ ସତ୍ୟ ରଞ୍ଜନ ମହାନ୍ତି, ବବୁଲ ନାୟକ, ବାଦଲ ନାୟକ ସହାୟତା କରିଥିଲେ।

### ପରିବାରକୁ ପଛରେ ପକାଇ ବିଦ୍ୟାଳୟ କଥା ଭାବୁଥିଲେ ଟୁଲୁ ସାର୍

**ଆଳି, ୨୮।୧ (ବନମାଳୀ ସେନାପତି)**

ଆଳି ବ୍ଲକ ମେଣ୍ଟପୁର ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷକ ସ୍ୱର୍ଗତ ମନୋରଞ୍ଜନ ମହାନ୍ତି (ଟୁଲୁ ସାର୍)ଙ୍କ ୪ର୍ଥ ବାର୍ଷିକ ଶ୍ରାଦ୍ଧୋତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନିମା ସିଂହ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଳି ଶିକ୍ଷା ମଣ୍ଡଳ ସହ ଶିକ୍ଷା ଅଧିକାରୀ ତଥା ବିଆର୍‌ସିସି ଉଦକର ସାମଲ କହିଥିଲେ, ଟୁଲୁ ସାର୍ ଥିଲେ ଜଣେ ବିରଳ ବ୍ୟକ୍ତିତ୍ୱ ସେ ନିଜର ପରିବାର କଥା ଯେତିକି ଚିନ୍ତା କରୁ ନ ଥିଲେ ତାହାଠାରୁ ଅଧିକ ସେ ବିଦ୍ୟାଳୟ କଥା ଭାବୁଥିଲେ। ସକାଳୁ ରାତି ପର୍ଯ୍ୟନ୍ତ ବିଦ୍ୟାଳୟରେ ରହି କାର୍ଯ୍ୟ କରୁଥିଲେ। ଜଣେ ଶିକ୍ଷକ ଭାବେ, ଜଣେ ସାମାଜିକ କର୍ମୀ, ପରୋପକାରୀ ବ୍ୟକ୍ତି ଭାବେ ସେ ସମସ୍ତଙ୍କ ଆଗରେ ରହିବେ। ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହ ତାଙ୍କର ଅତି ଉତ୍ତମ ସମ୍ପର୍କ ରହିଥିଲା। ମୁଖ୍ୟ ବକ୍ତା ଭାବେ ପୂର୍ବତନ ସିଆରସିସି ଅକ୍ଷୟ କୁମାର ଜେନା ଯୋଗଦେଇ ଟୁଲୁ ସାର୍‌ଙ୍କ ସହ ତାଙ୍କର ସମ୍ପର୍କ ବିଷୟରେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ତଥା ସାହିତ୍ୟିକ ବନମାଳୀ ସେନାପତି ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମହାଳିକ, ଶିକ୍ଷାବିତ୍ ପ୍ରମୋଦ ମଲ୍ଲିକ, ସେକ ତଫିକ ଅଲ୍ଲୀ, ନିରଞ୍ଜନ ମିଶ୍ର, ନାରାୟଣ ପୁଝାରୀ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଇଫତେଖାର ଆଦିଲ, ମହମ୍ମଦ ଅବଦୁଲ ସାହାଜିତ ପ୍ରମୁଖ ଯୋଗଦେଇଥିଲେ।

# ଆଜି ପ୍ରସିଦ୍ଧ ତ୍ରିବେଣୀ ମେଳା

**୫ ଦିନ ଧରି ଉତ୍ସବମୁଖର ହେବ ଆର୍ତ୍ତେଶ୍ୱରଙ୍କ ପୀଠ**

**ଡେରାବିଶ, ୨୮।୧ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ୍ ଅଧୀନ ନହଙ୍ଗ ପଞ୍ଚାୟତ ଜଗନ୍ନାଥପୁରସ୍ଥିତ ବୁଧବାର ତ୍ରିବେଣୀ ଅମାବାସ୍ୟା ଲାଗି ଗୋବରୀ ନଦୀରେ ଲୋକେ ବୁଡ଼ ପକାଇ ଆର୍ତ୍ତେଶ୍ୱର ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରିବା ସହ ମେଳା ଅନୁଷ୍ଠିତ ହେବ। ଏଥିରେ ନିକଟସ୍ଥ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇ ଗୋବରୀରେ ବୁଡ଼ ପକାଇବା ସହ ଆର୍ତ୍ତେଶ୍ୱର ମହାଦେବଙ୍କ ପୂଜାର୍ଚ୍ଚନା କରିବେ। ଏହି ମେଳା ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ



ଆର୍ତ୍ତେଶ୍ୱର ମନ୍ଦିର

୫ଦିନ ବ୍ୟାପୀ ବିଶ୍ୱକଲ୍ୟାଣ ରୁଦ୍ରଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏଥିରେ ବହୁସଂଖ୍ୟାରେ ବ୍ୟବସାୟୀ ସେମାନଙ୍କ ବ୍ୟବସାୟ ପସରା ମେଲାଇବାକୁ ଥିବାବେଳେ ମେଳାରେ ଜନସାଧାରଣଙ୍କ ଭିଡ଼ ଜମାଇବେ। ତେବେ ଏହି ମେଳାକୁ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ କରିବାକୁ ମନ୍ଦିର ପରିଚାଳନା କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଅକ୍ଷୟ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ବୈଠକରେ ଯୋଗଦେଇ ସମ୍ପାଦକ ନାରାୟଣ ଚନ୍ଦ୍ର ଲେଙ୍କା ବହୁ ଜନଗହଳୀ ହେବାକୁ ଥିବାକୁ ଦୃଷ୍ଟିରେ ରଖି ମେଳାକୁ ସୁବ୍ୟବସ୍ଥିତ କରିବାକୁ ଜିଲା ପ୍ରଶାସନ ଓ ନିକିରାଇ ଥାନା ପୋଲିସ ପ୍ରଶାସନର ସହଯୋଗ ଲୋଡ଼ି ଥିଲେ। ସେହିପରି ଉପସଭାପତି ଗୋଲଖ ଚନ୍ଦ୍ର ମହାଭୋଇ ଏହି ମେଳା ସ୍ଥଳରେ ପାନୀୟ ଜଳ ଯୋଗାଣକୁ ସହ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥାକୁ ଅଗ୍ରାଧିକାର ଦେବାକୁ ଉଭୟ ବିଭାଗୀୟ ସହଯୋଗ ଲୋଡିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ କୁମାର ସାହୁ, ବୀରବର ସାହୁ, ଦିବାକର ସ୍ୱାଇଁ, କରୁଣାକର ସେଠୀ, ହୃଷୀକେଶ ଦାସ, ରାଜକିଶୋର ମଲ୍ଲିକ, ଈଶ୍ୱର ଚନ୍ଦ୍ର ପୃଷ୍ଟି ଓ ଅଜୟ କୁମାର ମହାଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ।

# କଟକ ସୋଲାର ଟିମ୍ ଚାମ୍ପିୟନ

**ମାନସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

**ମାର୍ଶାଘାଇ, ୨୮।୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )**

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ରଙ୍କାଳ ସନସାଇନ ଖେଳ ପଡ଼ିଆରେ ଚାଲିଥିବା ମାନସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଖେଳରେ କଟକ ସୋଲାର ଟିମ୍ ଇଲେଭେନ ଷ୍ଟାର କେନ୍ଦ୍ରାପଡ଼ାକୁ ହରାଇ ଚାମ୍ପିୟନ ହୋଇଛି। ପ୍ରଥମେ କଟକ ସୋଲାର ଟିମ୍ ଟସ୍ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୯୭ ରନ ସଂଗ୍ରହ କରିଥିଲା। ଜବାବରେ ଇଲେଭେନ ଷ୍ଟାର କ୍ରିକେଟ ଟିମ୍ ୨୦ ଓଭରରେ ୯ ଉଇକେଟ ହରାଇ ୧୫୧ ରନ କରି ପରାଜିତ ହୋଇଥିଲା। ସୋଲାର ଟିମ୍‌ର ଦେବାଶିଷ ଦାସ ମ୍ୟାନ ଅଫ ଦି ମ୍ୟାଚ, ପ୍ରତୀକ ଅନୁରାଗ ଦାସ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି




ଚାମ୍ପିୟନ ଦଳକୁ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଭାଜପା ନେତା ତେଜେଶ୍ୱର ପରିଡ଼ା ଟ୍ରଫି ପ୍ରଦାନ କରୁଛନ୍ତି।

ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ଭାଜପା ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡା, ସରପଞ୍ଚ ପ୍ରତିନିଧି ବାନାମ୍ବର ସେଠୀ, ଟିକନପୁର ସମିତି ସଭ୍ୟା କବିତା ଜେନା, ବଗଡ଼ା ସଭ୍ୟ ରଞ୍ଜନ ଜେନା, ଅଞ୍ଜନ ଦେବତା ଯୋଗଦେଇ ଚାମ୍ପିୟନ ଟ୍ରଫି ଓ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟର ଭାବେ ପ୍ରଭାତ ରଞ୍ଜନ ସ୍ୱାଇଁ ଓ ବୁଲୁ ଜେନା ଖେଳ ପରିଚାଳନା କରିଥିଲେ। ଆୟୋଜକ ଶାରଳା ସ୍ପୋର୍ଟ୍ସ କ୍ଲବ ସମ୍ପାଦକ ଭରତ ଚନ୍ଦ୍ର ଲେଙ୍କା, ବିଶ୍ୱ ପ୍ରକାଶ ପରିଡା, ସୁମନ ସ୍ୱାଇଁ, ଦେବଦତ୍ତ ବେଉରା, ଦେବେନ୍ଦ୍ର ବେଉରା, ଜଗଦୀଶ ପରିଡା, ପ୍ରସନ୍ନ ଜେନା, ସମୀର ପରିଡା, ଅଭିନ୍ନ ଓଝା ପ୍ରମୁଖ ସହଯୋଗ କରିଥିଲେ।

### ସିରିୟସ ଇଲେଭେନ ବିଜୟୀ

**ବ୍ରଜକିଶୋର ମେମୋରିଆଲ କ୍ରିକେଟ କପ**

**ରାଜକନିକା, ୨୮।୧ (ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକ ଜାଗୁଲାଇପଡା ପଞ୍ଚାୟତ ଗଞ୍ଜାସ୍ଥିତ ତାରିଣୀ ଖେଳ ପଡ଼ିଆରେ ଚାଲୁଥିବା ବ୍ରଜକିଶୋର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଖେଳରେ ମା' ଖରାଖାଇ କ୍ଲବ, ରାଣୀପୋଖରୀ ବନାମ ସିରିୟସ ଇଲେଭେନ, ଗଞ୍ଜା ମଧ୍ୟରେ ହୋଇଥିଲା। ଗଞ୍ଜା ଦଳ ଟସ୍ ଜିଣି ରାଣୀପୋଖରୀ ଟିମ୍‌କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ରାଣୀପୋଖରୀ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ ସଂଗ୍ରହ କରିଥିଲା। ଜବାବରେ ଗଞ୍ଜା ଦଳ ୧୭.୩ ଓଭରର ଖେଳି ଦଳକୁ ବିଜୟୀ କରିଥିଲା। ଅତିଥି ଭାବେ ସୁକାନ୍ତ କୁମାର ଦାଶ, ପ୍ରବୀଣ ବଳ ପ୍ରମୁଖ ଯୋଗଦେଇ ବିଜେତା ଟିମ୍‌ର ଦୁଷ୍ମନ୍ତ ସାମଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ଉତ୍ତମ ବେହେରା ଓ ପ୍ରକାଶ ପାତ୍ର ଖେଳ ପରିଚାଳନା କରିଥିଲେ।

# ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଆଞ୍ଚଳିକ ଭାଷାରେ ଅନୁବାଦ କର



ସଚେତନତା କାର୍ଯ୍ୟକ୍ରମରେ ବିଚାରପତି, ପୋଲିସ ଓ ଅନ୍ୟମାନେ।

**ଆଇନ ସଚେତନତା କାର୍ଯ୍ୟକ୍ରମ**

**ଜଗତସିଂହପୁର, ୨୮।୧ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ଜଜ୍ ହର ପ୍ରସାଦ ପଟ୍ଟନାୟକ, ଅତିଥିଭାବେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନୀଳିମା ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାସ, ଉପଆରକ୍ଷୀ ଅଧୀକ୍ଷକ ଜ୍ୟୋତିରଞ୍ଜନ ସାମନ୍ତରାୟ ଏବଂ ସିଷ୍ଟମ ସହାୟିକା ଅପର୍ଣ୍ଣା ମହାରଣା ଯୋଗଦେଇ ଉପସ୍ଥିତ ପୋଲିସ ଅଧିକାରୀଙ୍କୁ ଏହି ଆଇନ ବିଷୟରେ ସଚେତନ କରାଇଥିଲେ। ଅତିରିକ୍ତ ଜିଲା ଜଜ୍ ପଟ୍ଟନାୟକ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଭିଡିଓ କନ୍‌ଫରେନ୍ସ ନିୟମ ୨୦୨୦ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସେହିପରି ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପଣ୍ଡା ଏଡିଆର୍ ନିୟମ ୨୦୦୭ ଏବଂ ମଧ୍ୟସ୍ଥତା ନିୟମ ବିଷୟରେ ମତବ୍ୟକ୍ତ କରିଥିଲେ। ଅନୁରୂପ ଭାବେ ଅପର୍ଣ୍ଣା କୃତ୍ରିମ ବୁଦ୍ଧିକୁ କିପରି ବ୍ୟବହାର କରି ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଇଂଲିଶ୍ ଭାଷାରୁ ଆଞ୍ଚଳିକ ଭାଷାରେ ଅନୁବାଦ କରି ହେବ ସେ ବିଷୟରେ ବୁଝାଇଥିଲେ ।

# ୧୦ ପଞ୍ଚାୟତ ବିକାଶ ପରିଷଦ ପକ୍ଷରୁ ନୂତନ ବ୍ଲକ ଗଠନ ଦାବି



ବୈଠକରେ ୧୦ ପଞ୍ଚାୟତର ସରପଞ୍ଚ ଓ ଅନ୍ୟମାନେ।

**ଆଳି, ୨୮।୧(ବନମାଳୀ ସେନାପତି)**

ଆଳି ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର, ପତ୍ରପୁର, ସହିରା, ବାଟିପଡ଼ା, ନୂଆପଡା, ସାନମଙ୍ଗ, ସିଙ୍ଗିରି, ମାଣିକପାଟଣା, ଚଣ୍ଡିଆଗଡ଼ି, ଅରେହିକଣା ପଞ୍ଚାୟତର ବୁଦ୍ଧିଜୀବୀ, ରାଜନେତା ଓ ଜନପ୍ରତିନିଧିଙ୍କର ବୈଠକ ପୂର୍ବତନ ଜିଲା ପରିଷଦ ସଭ୍ୟ ବ୍ରଜ ସୁନ୍ଦର ଭୂୟାଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସିଙ୍ଗିରି ବଜାରଠାରେ ଥିବା ମଣ୍ଡପରେ ଅନୁଷ୍ଠିତ ବୈଠକରେ ୧୦ଟି ପଞ୍ଚାୟତର ବିଭିନ୍ନ ମୌଳିକ ସମସ୍ୟା, ବ୍ଲକ ତଥା ଜିଲା ପ୍ରଶାସନର ଅଞ୍ଚଳ ପ୍ରତି ବୈମାତୃକ ମନୋଭାବ ଓ ଅବହେଳା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଅଞ୍ଚଳର ବିକାଶ ଲାଗି ୧୦ ପଞ୍ଚାୟତକୁ ନେଇ ୧୦ ପଞ୍ଚାୟତ ବିକାଶ ପରିଷଦ, ଆଳି ନାମରେ ଏକ ସଙ୍ଗଠନ ଗଠନ କରାଯାଇ ବ୍ରଜ ସୁନ୍ଦର ଭୂୟାଁଙ୍କୁ ସର୍ବସମ୍ମତିକ୍ରମେ ଏହାର ଆବାହକ ଦାୟିତ୍ୱ ଦିଆଯାଇଛି। ଆଳିର ଏହି ୧୦ ପଞ୍ଚାୟତର ଭୌଗୋଳିକ ଅବସ୍ଥିତି, ଜନସଂଖ୍ୟା ଏବଂ ପାରିପାର୍ଶ୍ୱିକ ପରିସ୍ଥିତିକୁ ବିଚାରକୁ ନେଇ ସରକାରଙ୍କ ନିକଟରେ ନୂତନ ବ୍ଲକ ଗଠନ କରିବା ଲାଗି ଏକ ଦାବି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ଅବସରପ୍ରାପ୍ତ ବିଚାରପତି ସଞ୍ଜୟ କୁମାର ସାହୁ, ସିଙ୍ଗିରି ସରପଞ୍ଚ ଅକ୍ଷୟ ଦାସ, ଚଣ୍ଡିଆଗଡ଼ି ସରପଞ୍ଚ ସନାତନ ସାହୁ, ପତ୍ରପୁର ସରପଞ୍ଚ କାନନ ବିହାରୀ ପରିଡ଼ା, ନରେନ୍ଦ୍ରପୁର ସରପଞ୍ଚ ପ୍ରତିନିଧି ବଂଶୀଧର ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ସଭ୍ୟ ସୁମନ୍ତ ରାଉତ, ପୂର୍ବତନ ସମିତି ସଭ୍ୟ ତଥା ବ୍ଲକ କଂଗ୍ରେସ ସଭାପତି ନକୁଳ ଚରଣ ପରିଡା, ପୂର୍ବତନ ସରପଞ୍ଚ ବିପିନ ବିହାରୀ ପରିଡାଙ୍କ ସମେତ ପୂର୍ବତନ ପ୍ରଧାନ ଶିକ୍ଷକ ସୁଧୀର ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ମତ ରଖିଥିଲେ।

# ସରକାରୀ କଳ ବ୍ୟକ୍ତିଙ୍କ ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ କରୁଛି



ଆୟୋଜିତ ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥିମାନେ।

**ରଘୁନାଥପୁର, ୨୮।୧ (ରାଜେନ୍ଦ୍ର ନାରାୟଣ ସିଂହ)**

**ଜନତା, ଜନପ୍ରତିନିଧିଙ୍କ ଭୂମିକା ସମ୍ପର୍କିତ ଆଲୋଚନାଚକ୍ର**

ରଘୁନାଥପୁର ବ୍ଲକ ଆଞ୍ଚଳିକ ବିକାଶ ପରିଷଦ ରେଡୁଆ ପକ୍ଷରୁ ସୋମବାର ଅପରାହ୍ନରେ ସ୍ଥାନୀୟ ବୃନ୍ଦାବନ ଚନ୍ଦ୍ର ମଠ ପରିସରରେ ଅଞ୍ଚଳବାସୀ ଏବଂ ଅଞ୍ଚଳର ଜନପ୍ରତିନିଧିମାନଙ୍କୁ ନେଇ ସମାଜ ବିକାଶ ପ୍ରକ୍ରିୟାରେ ଜନତା ଓ ଜନପ୍ରତିନିଧିମାନଙ୍କ ଭୂମିକା ପ୍ରସଙ୍ଗକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀପ୍ରସାଦ ମହାରଣା ସଭା ପରିଚାଳନା କରିଥିଲେ। ଦିଲ୍ଲୀ ୟୁନିଭରସିଟିର ପ୍ରଫେସର ମନୋରଞ୍ଜନ ମହାନ୍ତି, ପଞ୍ଚାୟତିରାଜ ଗବେଷିକା ଡ.ବିଦ୍ୟୁତ୍‌ଲତା ମହାନ୍ତି ଏବଂ ଗାନ୍ଧିବାଦୀ କବି ଶୈଳଜା ରବି ଅତିଥି ଭାବେ ଯୋଗଦେଇ ଥିଲେ। ଜନସାଧାରଣଙ୍କ ସାମ୍ବିଧାନିକ ଅଧିକାର ଏବଂ ପ୍ରଚଳିତ ସରକାରୀ ବିଧି ବ୍ୟବସ୍ଥାରେ ଶାସକ ଗୋଷ୍ଠୀ ଏବଂ ସରକାରୀ କଳ କିଭଳି ବ୍ୟକ୍ତିର ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରୁଛନ୍ତି ସେ ସମ୍ପର୍କରେ ବିଶେଷ ଭାବେ ଆଲୋଚନା ହୋଇଥିଲା। ସଭାରେ ରେଡୁଆ, ରାଢ଼ଙ୍ଗ, ତଅଁରା, ଗୁଆଳିପୁର, ପୁରୁଣାବସନ୍ତ, ସାଦେଇପୁର, ଅୟର, ପ୍ରଭୃତି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ବୁଦ୍ଧିଜୀବୀ ଓ ବହୁ ଜନସାଧାରଣ ଯୋଗଦେଇଥିଲେ। ସାଧାରଣ ଜନତାର ବିକାଶ ଦିଗରେ ଅତିଥିମାନେ ମହାତ୍ମାଗାନ୍ଧୀଙ୍କ ଗ୍ରାମ ସ୍ୱରାଜ ଉପରେ ଆଲୋକପାତ କରିଥିଲେ। ଅଞ୍ଚଳ ବିକାଶ ପାଇଁ ରେଡୁଆକୁ ନୂଆ ବ୍ଲକ ଭାବେ ଗଠନ କରିବା, ରେଡୁଆ ଅଞ୍ଚଳର ସ୍ୱାସ୍ଥ୍ୟ ସେବା, ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା, ରୋଜଗାର ସୃଷ୍ଟି ପାଇଁ ମୃତ ନଦୀରେ ମାଛ ଚାଷ କରିବା, ଚାଷୀ ମାନଙ୍କ ପାଇଁ ଶୀତଳ ଭଣ୍ଡାର, ମୁଗ ପ୍ରକ୍ରିୟା କରଣ ଶିଳ୍ପ ସ୍ଥାପନ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୁଡ଼ିକୁ ସାକାର କରିବା ପାଇଁ ଅଞ୍ଚଳର ଉପସ୍ଥିତ ଜନପ୍ରତିନିଧି ଏବଂ ଜନତା ଦଳମତ ନିର୍ବିଶେଷରେ ସଂକଳ୍ପବଦ୍ଧ ହେଲେ। ଆଞ୍ଚଳିକ ବିକାଶ ପରିଷଦ ରେଡୁଆର ସଦସ୍ୟମାନଙ୍କ ଆଞ୍ଚଳିକ ବିକାଶ କାର୍ଯ୍ୟକଳାପ ଏବଂ ସଭାରେ ମହିଳାମାନଙ୍କ ଉପସ୍ଥିତିକୁ ଅତିଥିମାନେ ପ୍ରଶଂସା କରିଥିଲେ।

### ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

**ରାହାମା, ୨୮।୧ (ଶ୍ରୀକାନ୍ତ ଦାସ )**

କୁଜଙ୍ଗ ବ୍ଲକ ଅନ୍ତର୍ଗତ ଶାରଳା ମହାବିଦ୍ୟାଳୟ ରାହାମାର ୪୩ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ବ୍ୟଙ୍ଗ କବି ଜ୍ଞାନ ହୋତା, ବରିଷ୍ଠ ଖେଳ ପ୍ରଶିକ୍ଷକ ବିପିନ ବିହାରୀ ମହାନ୍ତି, ମୁଖ୍ୟବକ୍ତା ଡା. ଗିରିଶ ରଞ୍ଜନ ସାହୁ ଉପସ୍ଥିତ ଥିଲେ। ଅଧ୍ୟାପକ ପ୍ରମୋଦ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ମିତା ଦାସ ବିବରଣୀ ପାଠ କରିଥିଲେ। ରାକେଶ କୁମାର କାଣ୍ଡି ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡ଼ା ୨୪ ତାରିଖଠାରୁ ଆରମ୍ଭ ହୋଇ ୨୭ ତାରିଖ ସନ୍ଧ୍ୟା ୫ଟାରେ ଉଦ୍‌ଯାପିତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ ଉପସ୍ଥିତ ରହି ଉଦ୍‌ଯାପନୀ ଉତ୍ସବକୁ ଆକର୍ଷଣୀୟ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥି ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ ଅପରାଜେୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ରଘୁନାଥପୁର ବ୍ଲକ ତାରପୁର ଓ ରେଡୁଆ ନିକଟସ୍ଥ ଶାଳିଜଙ୍ଗାଠାରେ ପ୍ରତିଷ୍ଠା କରାଯାଇଥିବା ସାଇନାଥଙ୍କ ମନ୍ଦିରରେ ବାର୍ଷିକଉତ୍ସବ ନିମନ୍ତେ ମଙ୍ଗଳବାର ଆୟୋଜିତ କଳସ ଶୋଭାଯାତ୍ରାରେ ତିର୍ତ୍ତୋଲ ବିଧାୟକ ଡ.ରମାକାନ୍ତ ଭୋଇ ଓ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଓ ଅନ୍ୟମାନେ।

# ସମାଜକୁ ପରିବର୍ତ୍ତନ କରିବ ନୈତିକ ଶିକ୍ଷା

**ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ**

**ଏରସମା, ୨୮।୧ (ଦୀପ୍ତି ଖଣ୍ଡୁଆଳ)**

ଏରସମା ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ ସୋମବାର ରାତିରେ ନୂତନ ବସ୍ତ୍ରଷଣ୍ଡ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ବିଜୟ କୁମାର ପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏମ୍‌ପି ଡ. ବିଭୁ ପ୍ରସାଦ ତରାଇ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସରସ୍ୱତୀ ଶିଶୁ ମନ୍ଦିର ଗୁଣାତ୍ମକ ଶିକ୍ଷାକ୍ଷେତ୍ରରେ ଅଗ୍ରଗାମୀ ଭୂମିକା ଗ୍ରହଣ କରିଛି। ସେଠାରେ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ନୈତିକ ଶିକ୍ଷା ସମାଜକୁ ବଦଳାଇପାରିବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି, ଓଡ଼ିଶାର ସଭାପତି ଡ. କିଶୋର ଚନ୍ଦ୍ର ମହାନ୍ତି ଉପସ୍ଥିତ ହୋଇ ବକ୍ତବ୍ୟ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ଉମେଶ ଚନ୍ଦ୍ର ସେଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଧାନ ଆଚାର୍ଯ୍ୟା ନିରୁପମା ଗଚ୍ଛାୟତ ବାର୍ଷିକ ବିବରଣୀ ପାଠ କରିଥିଲେ। ସହ ଆଚାର୍ଯ୍ୟା ପୂଜାରିଣୀ ସ୍ୱାଇଁ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୩୦ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ପାରାଦୀପ ସଙ୍କୁଳ ପ୍ରମୁଖ ଗୌରାଙ୍ଗ ଚରଣ ସ୍ୱାଇଁ, ସଙ୍କୁଳ ସହସଂଯୋଜକ ଧରଣୀଧର ପରିଡ଼ା, ଜଗତ୍‌ସିଂହପୁର ବିଭାଗ ନିରୀକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ପରିଚାଳନା ସମିତି ଯୁଗ୍ମ ସମ୍ପାଦକ ଜ୍ୟୋତି ରଞ୍ଜନ କୁଅଁର, କୋଷାଧ୍ୟକ୍ଷ ବିଚିତ୍ରାନନ୍ଦ ଦାସ, ଗୁରୁମା' ସୁଚିତ୍ରା ବିଶ୍ୱାଳ, ସ୍ମୃତିରେଖା ଦାସ, ପୁଷ୍ପଲତା ସ୍ୱାଇଁ, ନିତମ୍ବିନୀ ରାଉତ, ମଞ୍ଜୁଲତା ଭଞ୍ଜ, ଟୁନୀଲତା ସ୍ୱାଇଁ, ରମେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପରିଚାଳନା ସମିତିର ଉପସଭାପତି ଅକ୍ଷୟ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଶିଶୁଙ୍କ ମାନସିକତାକୁ ପଢ଼ିପାରିଲେ ଶିକ୍ଷାଦାନ ସହଜ

**ନିପୁଣ ଓଡ଼ିଶା ମେଳା**

**ଜଗତ୍‌ସିଂହପୁର/ ରଘୁନାଥପୁର, ୨୮।୧ (ପ୍ରମୋଦ କୁମାର ନାୟକ/ ରାଜେନ୍ଦ୍ର ନାରାୟଣ ସିଂହ)**

ବିରିଡ଼ି ବ୍ଲକ ଉକୁନ୍ଦରା ଉ.ପ୍ରା. ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ନିପୁଣ ଓଡ଼ିଶା ମେଳା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ଆଲୋକ ଚନ୍ଦ୍ର ଦାସଙ୍କ ସଂଯୋଜନାରେ ସ୍ଥାନୀୟ ଉକୁନ୍ଦରା ୟୁ.ପି. ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧନ କେନ୍ଦ୍ର ଅଧୀନ ବାସନ୍ଦରା, ଉକୁନ୍ଦରା, ଶଙ୍ଖାରୀ ସାହି ସମେତ ଗୋପୀନାଥ ଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଥମରୁ ତୃତୀୟ ଶ୍ରେଣୀର ୮୫ ଜଣ ଛାତ୍ରୀଛାତ୍ର ଓ ୫୦ରୁ ଊର୍ଦ୍ଧ୍ୱ ଅଭିଭାବକ ସାମିଲ ହୋଇଥିଲେ। ମେଳାରେ ମୌଳିକ ଭାଷାଜ୍ଞାନ, ମୌଳିକ ସଂଖ୍ୟାଜ୍ଞାନ ଏବଂ ତତ୍‌ସମ୍ବନ୍ଧୀୟ ସୃଜନାତ୍ମକ କାର୍ଯ୍ୟ ଷ୍ଟଲ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ସିଆରସିସି ଆଲୋକ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କିଶୋର ଚନ୍ଦ୍ର ମିଶ୍ର, ସବିତା ସେଠୀ, ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ପିଲାଙ୍କ ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ରଖିଥିଲେ। ଏଥିରେ ବିଭିନ୍ନ ସ୍କୁଲର ଶିକ୍ଷକ, ଅଭିଭାବକ, ଅଙ୍ଗନୱାଡ଼ି କର୍ମୀ ସାମିଲ ହୋଇଥିଲେ। ସେହିପରି ରଘୁନାଥପୁର ବ୍ଲକ ଶିକ୍ଷା ବିଭାଗ ଅଧୀନ ରେଡୁଆ କ୍ଲଷ୍ଟର ପକ୍ଷରୁ ସ୍ଥାନୀୟ ବୃନ୍ଦାବନଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ନିପୁଣ ଓଡ଼ିଶା ମେଳା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରିତା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଆଶୁତୋଷ ବାନାର୍ଜୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଆୟୋଜିତ ମେଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷାଦାନ ପୂର୍ବରୁ ଶିକ୍ଷୟିତ୍ରୀ, ଶିକ୍ଷକମାନେ ପ୍ରଥମେ କୋମଳମତି ଶିଶୁଙ୍କ ମାନସିକତାକୁ ବୁଝିବା ଦରକାର। କାରଣ ଶିଶୁଙ୍କ ମାନସିକତାକୁ ପଢ଼ିପାରିଲେ ଶିକ୍ଷାଦାନ ସହଜ ହେବ ବୋଲି ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବାନାର୍ଜୀ ପ୍ରକାଶ କରିଥିଲେ। ପୂର୍ବତନ ସିଆର୍‌ସିସି ତରୁଣ କୁମାର ଜେନା ଅତିଥି ପରିଚୟ ଦେଇ ଶିକ୍ଷାଦାନ ସହ ଥିବା ଦୀର୍ଘଦିନର ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ। କ୍ଲଷ୍ଟର ସିଆର୍‌ସିସି ଚିନ୍ମୟ କୁମାର ରଥ ମେଳାକୁ ପରିଚାଳନା କରି ଛାତ୍ରୀଛାତ୍ରମାନେ କିପରି ଭାଷାଜ୍ଞାନ ଓ ସଂଖ୍ୟାଜ୍ଞାନ ଉପରେ ଦକ୍ଷତା ହାସଲ କରିବେ, ସେନେଇ ବିଭିନ୍ନ ପରାମର୍ଶ ରଖିଥିଲେ। ଅନ୍ୟତମ ଅତିଥି ଭାବେ ରାଢ଼ଙ୍ଗ ସରପଞ୍ଚ ସୁଶୀଳ ବାରିକ, ତଅଁରା ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ, ସାମାଜିକ କର୍ମୀ ବିଜନ ମହାପାତ୍ର, ବିଦ୍ୟାଳୟ ପଞ୍ଚସଖା ସେତୁର ସଭାପତି ବ୍ରଜକିଶୋର ସ୍ୱାଇଁ ଓ ଶିକ୍ଷକ ନେତା ଦେବାଶିଷ ବେହେରା ଯୋଗଦେଇ ପିଲାଙ୍କ ଶିକ୍ଷାଦାନ ସମ୍ପର୍କରେ ମନ୍ତବ୍ୟ ଦେଇଥିଲେ। ୯ଟି ସ୍କୁଲରୁ ଆସିଥିବା ୧ମ, ୨ୟ ଓ ୩ୟ ଶ୍ରେଣୀର ପିଲାମାନେ ସେମାନଙ୍କ ପ୍ରକଳ୍ପ ମେଳାରେ ପ୍ରଦର୍ଶନ କରିଥିଲେ। ପ୍ରତ୍ୟେକ ପିଲାଙ୍କୁ ଖାତା ଓ କଲମ ପ୍ରଦାନ କରାଯାଇଥିଲା। ଏହାଛଡ଼ା ଏହି ବିଦ୍ୟାଳୟର ୧ମ ରୁ ୫ମ ଶ୍ରେଣୀର ବୃତ୍ତି ପାଇଥିବା ୪ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ସୁଚିତ୍ରା ସିଂହ ଧନ୍ୟବାଦ ଦେଇଥିଲେ।




ବିରିଡ଼ିଠାରେ ଆୟୋଜିତ ନିପୁଣ ଓଡ଼ିଶା ମେଳାରେ ଯୋଗଦେଇଥିବା ଅତିଥି।

**ଓଳାଶୁଣୀ ଗୁମ୍ଫାମେଳା**

# ଭକ୍ତଙ୍କ ଚତୁଃପାର୍ଶ୍ୱ ପରିକ୍ରମା କରନ୍ତି ଭଗବାନ୍



କଳାକାର ଓଡ଼ିଶା ପକ୍ଷରୁ ସାଧୁସନ୍ଥଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଚଣ୍ଡିଖୋଲ,୨୮।୧(ପ୍ରଦୀପ୍ତ କୁମାର ପୃଷ୍ଟି):**

ଓଳାଶୁଣୀ ଗୁମ୍ଫାମେଳା ମଙ୍ଗଳବାର ଚତୁର୍ଥ ଦିନରେ ପହଞ୍ଚିଛି। ଏହିମେଳା ଓଡ଼ିଶାରେ ଯେତିକି ପ୍ରସିଦ୍ଧ, ଏହାର ପରମ୍ପରା ମଧ୍ୟ ସେତିକି ନିଆରା। ଯାଜପୁର, କେନ୍ଦ୍ରାପଡ଼ା ଓ କଟକ ଜିଲାର ମିଳନ ସ୍ଥଳରେ ଅବସ୍ଥିତ ଏହି ଓଳାଶୁଣୀ ଗୁମ୍ଫା ପାହାଡ଼ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ପାଇଁ ପ୍ରସିଦ୍ଧି ଲାଭ କରିଛି। ମହାପୁରୁଷଙ୍କ ମହିମା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁ ଛୁଟି ଆସୁଛନ୍ତି। ମହାପୁରୁଷଙ୍କ ସାନ୍ନିଧ ଲାଭ ନିମନ୍ତେ ବହୁ ସାଧୁସନ୍ଥ ମଧ୍ୟ ଏଠାକୁ ଆସିଥାନ୍ତି। ଏଠାରେ ନିଆରା ପରମ୍ପରା ଦେଖିବାକୁ ମିଳେ, ଯାହାକି ଭକ୍ତ ସନ୍ଥ ଅରକ୍ଷିତ ଦାସଙ୍କ ସମାଧି ମନ୍ଦିର ଚାରିପଟେ ଭଗବାନ ପରିକ୍ରମା କରିଥାନ୍ତି। ମାଘ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ମହାପୁରୁଷଙ୍କ ବ୍ରହ୍ମଲୀନ ଦିବସ ରାତ୍ରିରେ ୩ ବିମାନ ସମାଧି ମନ୍ଦିର ଚାରିପଟେ ପରିକ୍ରମା କରିଥାନ୍ତି। ଆଳତୀ ସରିବା ପରେ ୩ ସୁସଜ୍ଜିତ ବିମାନରେ ତିନି ଠାକୁର ବିଜେ କରିଥାନ୍ତି। ପ୍ରଥମ ବିମାନରେ ବୃନ୍ଦାବନଜୀଉ, ଦ୍ୱିତୀୟ ବିମାନରେ ମା' ରାସେଶ୍ୱରୀ ଓ ତୃତୀୟ ବିମାନରେ ରାଧାରାଣୀ ବିଜେ କରିଥାନ୍ତି। ଭଜନ, କୀର୍ତ୍ତନ, ହରିବୋଲ ଓ ହୁଳହୁଳି ଧ୍ୱନିରେ ମନ୍ଦିର ଚର୍ତୁପର୍ଶ୍ୱ ପ୍ରକମ୍ପିତ ହୋଇଥାଏ। ଘଣ୍ଟ ବାଦ୍ୟରେ ପାହାଡ଼ ଶୀର୍ଷ ଦେଶ ଲୋକାରଣ୍ୟ ହୋଇଥାଏ। ଏହି ପରମ୍ପରା ଦୀର୍ଘ ବର୍ଷ ହେବ ଚାଲି ଆସୁଛି ବୋଲି ମଠାଧୀଶ ମହନ୍ତ ନାମାନନ୍ଦ ଦାସ କହିଛନ୍ତି।

### ସାଧୁସନ୍ଥ, କଳାକାରଙ୍କୁ ସମ୍ବର୍ଦ୍ଧନା, ପୁସ୍ତକ ଉନ୍ମୋଚନ

ଅରକ୍ଷିତ ଦାସଙ୍କ ମହାସମାଧି ଦିବସ ସ୍ମୃତିରେ ଓଡ଼ିଶାର ଅଗ୍ରଣୀ କଳା, ସାହିତ୍ୟ, ସଂସ୍କୃତି ଓ ଶିକ୍ଷା ସେବାନୁଷ୍ଠାନ କଳାକାର ଓଡ଼ିଶା ପକ୍ଷରୁ ରାଜ୍ୟସ୍ତରୀୟ ସାଧୁ, ସନ୍ଥ, କବି, କଳାକାର ମହାସମାବେଶ, ସମ୍ବର୍ଦ୍ଧନା ସଭା, ପୁସ୍ତକ ଉନ୍ମୋଚନ ଓ ୨୪ଘଣ୍ଟିଆ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳାକାର ଓଡ଼ିଶାର ସଭାପତି କବି ସତ୍ୟବ୍ରତ ପୁହାଣଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରଥମ ଅଧିବେଶନକୁ ପ୍ରାତଃ ସମୟରେ ଓଳାଶୁଣୀ ମଠ ମହନ୍ତ ଡ. ନାମାନନ୍ଦ ଦାସ ଉଦ୍‌ଘାଟନ କରିଥିଲେ।

ମୁଖ୍ୟଅତିଥି ଭାବେ ବୈଜ୍ଞାନିକ ତଥା ବିଶିଷ୍ଟ ସାରସ୍ୱତ ସାଧକ ଡ. ଅଦ୍ୱୈତ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ହରେକୃଷ୍ଣ ପତି, ସମ୍ମାନିତ ଅତିଥି ସାରସ୍ୱତ ସାଧକ ଅନ୍ତର୍ଯ୍ୟାମୀ ବାରିକ, କବି ରତିକାନ୍ତ ସାମଲ, ପ୍ରବଚକ ତ୍ରିଲୋଚନ ଭଞ୍ଜ, ରାମଚନ୍ଦ୍ର ମହାପାତ୍ର, ଶିକ୍ଷାବିତ ଅଲେଖ ପ୍ରସାଦ ଦାଶ, ଦୀପକ ଚକ୍ରବର୍ତ୍ତୀ, କବି ହେମାଙ୍ଗିନି ପଟ୍ଟନାୟକ, କବି ଲକ୍ଷ୍ମୀପ୍ରିୟା ମାଇତି, ମଞ୍ଚ ତାରକା କୃଷ୍ଣଚନ୍ଦ୍ର ବାରିକ, ଅଭିନେତା ଲକ୍ଷ୍ମଣ ମଲ୍ଲିକ ପ୍ରମୁଖ ଯୋଗଦେଇ ଉତ୍କଳୀୟ କଳା, ସଂସ୍କୃତି, ସମାଜସେବା ଓ ସନ୍ଥ ଅରକ୍ଷିତଙ୍କ ଜୀବନାଦର୍ଶର ଆଧାତ୍ମିକ ଦିଗ ଉପରେ ଆଲୋଚନା କରିଥିଲେ। ଏଥିରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଅଧିବକ୍ତା ନୀଳମାଧବ ସାମଲ। ଅତିଥି ପରିଚୟ ପ୍ରଦାନ କରିଥିଲେ କବି ଲବଙ୍ଗଲତା ରାଉତ। ସମ୍ପାଦକୀୟ ବିବରଣୀ ବିବରଣୀ ପାଠ କରିଥିଲେ କବି ହିମାଂଶୁ ଭୂଷଣ ଜେନା। ସାମାଜିକ କର୍ମୀ ରଣଜିତ ସାହୁ ଧନ୍ୟବାଦ ଦେଇଥିଲେ।

ଦ୍ୱିତୀୟ ଅଧିବେଶନର ଉଦ୍‌ଘାଟକ ଥିଲେ ନଙ୍ଗୁଳି ମଠର ମଠାଧିଶ ବାବା ପର୍ଶୁରାମ ଦାସ। ମୁଖ୍ୟ ଅତିଥିଭାବେ ବାବା ସୁଧାକର ଦାସ, ମୁଖ୍ୟବକ୍ତା ଭାବେ ଅଧିବକ୍ତା ପ୍ରଦୀପ କୁମାର ଦାଶ, ସମ୍ମାନିତ ଅତିଥି ବିଜୟଲକ୍ଷ୍ମୀ ମହାପାତ୍ର, ପ୍ରବଚକ ବାବା ଜଳଧର ଦାସ, ସାହିତ୍ୟିକ ଆନନ୍ଦ କୁମାର ମାଇତି, ବଟକୃଷ୍ଣ ଓଝା, କବି କୈଳାସ ଚନ୍ଦ୍ର ବେହେରା, ଅଭିନେତା ସୁମନ୍ତ ନାଏକ, ବାପୁ ଦାସ, ଇଂ. ଶ୍ରୀମତୀ ମହାରଣା, ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ ସାରସ୍ୱତ ସାଧକ ଗୋଲଖ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ କଳାକାର ଓଡ଼ିଶାର ୨୪ ଘଣ୍ଟିଆ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଏହା ଏକ ଅନନ୍ୟ କାର୍ଯ୍ୟକ୍ରମ ବୋଲି କହିଥିଲେ। ସନ୍ଥ ଅରକ୍ଷିତ ଲେଖନୀ ନିସୃତ ବାଣୀକୁ ପ୍ରଚାର ଓ ପ୍ରସାର କରି କଳାକାର ଓଡ଼ିଶାର ମୁଖପତ୍ର ଓଳାଶୁଣୀର ସ୍ୱର ଏ ଶତାବ୍ଦୀର କଳାକାର, ସନ୍ଥ ଅରକ୍ଷିତ ଆଦି ପୁସ୍ତକ ଉନ୍ମୋଚିତ କରିଥିଲେ। ଓଡ଼ିଶାର କୋଣ ଅନୁକୋଣରୁ ଆସିଥିବା ସାଧୁସନ୍ଥ, କବି, କଳାକାରଙ୍କୁ ମାନପତ୍ର ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001
**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟର ତୃତୀୟ ମହଲା ଅଞ୍ଚଳର ନବୀକରଣ (ବୈଦ୍ୟୁତିକ କାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ–ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ **ଫେବୃଆରୀ ୧୩, ୨୦୨୫** ଅପରାହ୍ଣ ୦୨.୦୦ଟା ଅଟେ।

** କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**










# ବର୍ଦ୍ଧିତ ଭତ୍ତା ଦାବିରେ ବ୍ଲକ ସମ୍ମୁଖରେ ଧାରଣା

ମାର୍ଶାଘାଇ, ୨୮।୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )


ମହିଳା ଓ ପୁରୁଷମାନେ ବର୍ଦ୍ଧିତ ଭତ୍ତା ଲାଗି ବ୍ଲକ୍ ସମ୍ମୁଖରେ ଧାରଣା ଦେଇଛନ୍ତି।

ବରିଷ୍ଠ ନାଗରିକ, ଭିନ୍ନକ୍ଷମ, ବିଧବା ମହିଳାଙ୍କୁ ବର୍ଦ୍ଧିତ ଭତ୍ତା ଦେବା ନେଇ ମାର୍ଶାଘାଇ ବ୍ଲକ ସମ୍ମୁଖରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଲୋକେ ଧାରଣା ଦେଇଥିଲେ। ଏ ନେଇ ସେମାନେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରିଥିଲେ। ସେଥିରେ ସେମାନେ ଉଲ୍ଲେଖ କରିଛନ୍ତି, ପୂର୍ବ ସରକାରଙ୍କ ସମୟରେ ମାସକୁ ଏକ ହଜାର ଟଙ୍କା ଭତ୍ତା ପାଉଥିଲୁ। ନୂଆ ସରକାର ଆସିବା ପୂର୍ବରୁ ଘୋଷଣା କରିଥିଲେ ଯେ ଦଳ ସରକାରକୁ ଆସିଲେ ସମସ୍ତ ହିତାଧିକାରୀମାନଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା ଦିଆଯିବ। ମାତ୍ର ସମସ୍ତଙ୍କୁ ଦିଆ ନ ଯାଇ ୮୦ବର୍ଷର ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ, ୮୦ ପ୍ରତିଶତ ଭିନ୍ନକ୍ଷମଙ୍କୁ ୩ହଜାର ୫ଶହ ଟଙ୍କା ଦିଆଗଲା। ୬୦ବର୍ଷରୁ ୭୯ବର୍ଷ ପର୍ଯ୍ୟନ୍ତ ବୃଦ୍ଧାବୃଦ୍ଧ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହେଲେ। ମହଙ୍ଗା ବଜାରରେ ଏକ ହଜାର ଟଙ୍କା ଭତ୍ତାରେ ଖାଦ୍ୟପେୟ ଓ ଔଷଧ ଖର୍ଚ୍ଚ ନିଅଣ୍ଟ ପଡୁଛି। ଏହାର ସୁବିଚାର ଓ ସୁବନ୍ଦୋବସ୍ତ ପାଇଁ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦିଅନ୍ତୁ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଧର ମଲ୍ଲିକ, ନିଶାମଣୀ ଖଟୁଆ, ପୀତାମ୍ବର ମଲ୍ଲିକ, ଦେବବ୍ରତ ଲେଙ୍କା, ସୁଷମା ରାଣୀ ଜେନା, ଲୋଚନ ଲେଙ୍କା, ଶାରଦା ଜେନା, ରାଜେନ୍ଦ୍ର ରାଉତ, ବେଣୁଧର ନାୟକ ଉପସ୍ଥିତ ଥିଲେ।

ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001
ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟର ତୃତୀୟ ମହଲା ଅଞ୍ଚଳର ନବୀକରଣ (ବୈଦ୍ୟୁତିକ କାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ **ଫେବୃଆରୀ ୧୩, ୨୦୨୫** ଅପରାହ୍ନ ୦୨.୦୦ଟା ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**

# ୬୪୩ଙ୍କ ମଧ୍ୟରୁ ୬୨୬ଙ୍କୁ ମିଳିଲା ପ୍ରମାଣପତ୍ର

## ଡେରାବିଶ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଡେରାବିଶ,୨୮।୧ (ବେବର୍ତ୍ତା ଅଜୟ ଦାସ) : ଡେରାବିଶ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୬୪୩ଜଣ ଆବେଦନକାରୀ ନିଜ ନାମ ପଞ୍ଜୀକୃତ କରିଥିଲେ। ସେଥିମଧ୍ୟରୁ ୬୨୬ଜଣଙ୍କୁ ଯୋଗ୍ୟ ଚିହ୍ନଟ କରାଯାଇ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ୬୨୬ଜଣଙ୍କ ମଧ୍ୟରୁ ଶ୍ରବଣ ବିଭାଗରେ ୬୬ଜଣ, ଚକ୍ଷୁ ବିଭାଗରେ ୧୦୬ଜଣ, ମାନସିକ ଅନଗ୍ରସର ବିଭାଗରେ ୭୩ଜଣ, ଶିଶୁ ବିଭାଗରେ ୩୩ ଓ ଅସ୍ଥିଶଲ୍ୟ ବିଭାଗରେ ୨୭୪ ଏବଂ ଭେଷଜ ବିଭାଗରେ ୭୪ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଛି। ପୂର୍ବାହ୍ନରେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଳିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଡିଓ ନମିତା ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ମଙ୍ଗଳ ଅଧିକାରୀ ରଶ୍ମୀ ଦେବୀ, ସିପି ବିକ୍ରମ ନାୟକ, ବିପିସି ଦେବେଶ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଏହି ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ମେଡିସିନ ବିଭାଗ ବିଶେଷଜ୍ଞ ଡା. ସଞ୍ଜିତ ସେଠୀ, ଶିଶୁ ରୋଗ ବିଶେଷଜ୍ଞ ଡା. ପ୍ରଶାନ୍ତ କୁମାର ଜେନା ଓ ଅସ୍ଥିଶଲ୍ୟ ବିଭାଗ ବିଶେଷଜ୍ଞ ଡା. ସତ୍ୟପ୍ରକାଶ ମହାପାତ୍ରଙ୍କ ସମେତ ଅନ୍ୟ ବିଭାଗୀୟ ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ଭିନ୍ନକ୍ଷମଙ୍କୁ ଚିହ୍ନଟ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ।

# ୨ ଘରୁ ଅଳଙ୍କାର, ଲକ୍ଷାଧିକ ଟଙ୍କା ଚୋରି

**ରାଜକନିକା,୨୮।୧(ସଞ୍ଜୟ କୁମାର ଦାଶ):** ରାଜକନିକା ଥାନା ଅଞ୍ଚଳ ଓଲାଭର ପଞ୍ଚାୟତ ଦେଉଳସାହି ଗାଁରେ ସୋମବାର ବିଳମ୍ବିତ ରାତ୍ରିରେ ଲକ୍ଷାଧିକ ଟଙ୍କାର ଚୋରି ହୋଇଥିବା ନେଇ ପ୍ରଦୀପ୍ତ ଦାସ ଓ ସୁଶାନ୍ତ ନାୟକ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଦେଉଳସାହି ଗାଁର ଗଣେଶ ଚନ୍ଦ୍ର ନାୟକ ବାହାରେ ରୁହନ୍ତି। ତାଙ୍କ ଘରେ କେହି ଶୋଇ ନ ଥିବା ବେଳେ ତାଙ୍କ ଘରେ ଚୋରି ହୋଇଥିବା ନେଇ ତାଙ୍କ ସମ୍ପର୍କୀୟ ପ୍ରଦୀପ୍ତ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ଘରର ତାଲା ଭାଙ୍ଗି ଭିତରେ ଥିବା ଆଲମିରାରୁ ସୁନା ବାହୁଟି ୮ ପଟ, ସୁନା ଚେନ ୨ ଟି, ସୁନା ହାର ୧ ଟି, ସୁନା କୁଣ୍ଡଳ ୧ ହଳ, ସୁନା ମୁଦି ୨ଟି, ରୁପା ପଟି ୧ ହଳ, ଝୁଣ୍ଟିଆ ୨ ହଳ ଓ ନଗଦ ୨ଲକ୍ଷ ଟଙ୍କା ନେଇଯାଇଥିବା ଏତଲାରେ ଦର୍ଶାଯାଇଛି। ଏଥିସହ ବିଭିନ୍ନ କାଗଜପତ୍ର ଓ ଅନ୍ୟ ସାମଗ୍ରୀକୁ ଘର ବାରିପଟ ବିଲରେ ଫୋପାଡି ଦେଇଛନ୍ତି। ସେହିପରି ଗଣେଶଙ୍କ ପୁତୁରା ସୁଶାନ୍ତଙ୍କ ଏକ ଘରେ କେହି ଶୋଇ ନ ଥିବା ବେଳେ ଘରର ତାଲା ଭାଙ୍ଗି ତାଙ୍କ ଆଲମିରାରୁ ୨୫ ହଜାର ଟଙ୍କା ମଧ୍ୟ ନେଇଯାଇଥିବା ଏତଲାରେ ଦର୍ଶାଇଛନ୍ତି। ତେବେ ସେମାନେ କହିବା କଥା ଆମେ ସମସ୍ତେ ଶୋଇଥିଲୁ, ରାତ୍ରି ପ୍ରାୟ ୩ଟା ୧୫ରେ ନିଦ ଭାଙ୍ଗିବା ବେଳକୁ ବାହାରପଟୁ କବାଟ ବନ୍ଦ ହୋଇଥିବା ଜାଣି ଅନ୍ୟ ଘରେ ଶୋଇଥିବା ଲୋକଙ୍କୁ ଫୋନ କରିଥିଲୁ। ଏମିତି ସମସ୍ତେ ଉଠି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଅଭିଯୋଗକୁ ଆଧାର କରି ଥାନାରେ ନଂ. ୫୧/୨୫ରେ ମାମଲା ରୁଜୁ ହୋଇଛି। ଘଟଣାସ୍ଥଳରେ ପୋଲିସ, ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତା ତଦନ୍ତ ଚଳାଇଥିବା ଆଇଆଇସି ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।






# ୭ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



- ୨୮ କୋଟି ୩୮ ଲକ୍ଷଟଙ୍କା ବ୍ୟୟ ବରାଦ
- ଶିଳାନ୍ୟାସ କଲେ କଟକ ଏମ୍‌ପି,ଖଣ୍ଡପଡ଼ା ବିଧାୟକ

ଖଣ୍ଡପଡ଼ା,୨୮।୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ଜଳ ସମ୍ପଦ ବିଭାଗ ଅଧୀନରେ ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ମାଳବନ୍ଧର ଉନ୍ନତିକରଣ ସହ ସମ୍ପ୍ରସାରଣ ନିମନ୍ତେ ୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅନୁଦାନ ରାଶି ମଞ୍ଜୁର ହୋଇଥିବା ବେଳେ ଏସବୁ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ସୋମବାର ଅପରାହ୍ନରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଅନ୍ୟତମ ଅତିଥି ଭାବେ ବିଡିଓ ଅଙ୍କୁର ଅଭିଳାଷ, ବ୍ଲକ ଅଧ୍ୟକ୍ଷା ଉପମା ବେହେରା, କଣ୍ଟିଲୋ ନାଗରିକ ମଞ୍ଚ ଓ ବିକାଶ ପରିଷଦର ସଭାପତି ଯଥାକ୍ରମେ ଅଖିଳ କୁମାର ମହାରଣା ଓ ଯୁଗଳ କିଶୋର ନାୟକ, ୫ନଂ ଓ ୬ନଂ ଜିଲା ପରିଷଦ ସଭ୍ୟା ଯଥାକ୍ରମେ ଉଜଳ ମହାରଣା ଓ ରାମେଶ୍ୱର ଶତପଥୀ, ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, କଣ୍ଟିଲୋ ଜଳ ସମ୍ପଦ ବିଭାଗ ଅଧୀନରେ ଥିବା କମେଇଁ ନଦୀ ବାମ ପାର୍ଶ୍ୱ ୪୮ନଂ. ରାଜ୍ୟରାଜପଥଠାରୁ ଶ୍ମଶାନଚଣ୍ଡୀ ଦେଇ ଗୋପୀନାଥପୁର ମାଳବନ୍ଧର ପ୍ରଶସ୍ତୀକରଣ ପାଇଁ ପ୍ରାୟ ୩.୨୦ କୋଟି, କମେଇ ନଦୀ ଦକ୍ଷିଣ ପାର୍ଶ୍ୱ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଧାନଚେଙ୍ଗଡା ମାଳବନ୍ଧର ଉନ୍ନତିକରଣ ନିମନ୍ତେ ୧.୨୦କୋଟି, ମହାନଦୀ ଦକ୍ଷିଣ ପାର୍ଶ୍ୱ ମାଳବନ୍ଧ ନିକଟ ଗାନ୍ଧୀପାର୍କର ଉନ୍ନତୀକରଣ ପାଇଁ ୨୦ ଲକ୍ଷ, ମହାନଦୀ ଦକ୍ଷିଣ ପାର୍ଶ୍ୱ ଶଙ୍ଖତୋଟା ମାଳବନ୍ଧ ନିକଟ ଶ୍ମଶାନ ଘାଟ ଚତୁଃପାର୍ଶ୍ୱ ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ ୨୬ ଲକ୍ଷ, ବଡବାଣପୁରଠାରୁ ନୀଳମାଧବ ମହାବିଦ୍ୟାଳୟ ମହାନଦୀ ମାଳବନ୍ଧର ସୁରକ୍ଷା ଓ ବୁରୁଜ ନିମନ୍ତେ ୮.୫ କୋଟି, ବେଣାଗାଡିଆ ନିକଟ କୁଆଁରିଆ ନଦୀ ବାମ ପାର୍ଶ୍ୱ କୁଆଁରିଆ ସେତୁ ଠାରୁ କାଦୁଆ ସୁନ୍ଦରୀ ନାଳ ମାଳବନ୍ଧର ଉନ୍ନତୀକରଣ ପାଇଁ ୩ କୋଟି. ମହାନଦୀ ଦକ୍ଷିଣ ପାର୍ଶ୍ୱ ଗୁଡୁପଡାଠାରୁ ବଡବର ମାଳବନ୍ଧର ସୁରକ୍ଷା ଓ ବୁରୁଜ ପାଇଁ ୧୧.୭୦ କୋଟି, ଏବଂ କୁସୁମୀ ନଦୀ ଦକ୍ଷିଣ ପାର୍ଶ୍ୱ ନୂଆପଲ୍ଲୀଠାରୁ ପୂର୍ତ୍ତ ବିଭାଗ ରାସ୍ତା ପର୍ଯ୍ୟନ୍ତ ମାଳବନ୍ଧର ଉନ୍ନତିକରଣ ପାଇଁ ୩୨ ଲକ୍ଷ ଏପରି ୭ ପ୍ରକଳ୍ପ ପାଇଁ ପ୍ରାୟ୨୮ କୋଟି ୩୮ ଲକ୍ଷଟଙ୍କା ବ୍ୟୟ ବରାଦ ହୋଇଛି ଏଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ଏହି କାର୍ଯ୍ୟକ୍ରମରେ କଣ୍ଟିଲୋ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ.ରାମ ମୋହନ ବେହେରା, ସହକାରୀ ଯନ୍ତ୍ରୀ ଇଂ. ସସ୍ମିତା ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଅବସରପ୍ରାପ୍ତ କିରାଣିଙ୍କ ପରଲୋକ

ଖଣ୍ଡପଡ଼ା,୨୮।୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ମଝିସାହିପାଟଣା ଗ୍ରାମର ନବ କିଶୋର ସାହୁ(୭୪)ଙ୍କ ସୋମବାର ରାତିରେ ପରଲୋକ ହୋଇ ଯାଇଛି । ଦୀର୍ଘ ଦିନ ଧରି ସେ ଅସୁସ୍ଥ ଥିଲେ । ସକାଳୁ ସେ ଗୁରୁତର ହୋଇ ପଡିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଉଥିଲା । ହେଲେ ବାଟରେ ତାଙ୍କର ପରଲୋକ ଘଟିଥିଲା । ସେ ଜଣେ ମେଳାପୀ, ଧର୍ମ ପରାୟଣ, ବନ୍ଧୁ ବତ୍ସଳ ବ୍ୟକ୍ତି ଥିଲେ । ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ଶୋକର ଛାୟା ଖେଳି ଯାଇଛି। ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ । ସ୍ଥାନୀୟ ମହିମା ଆଶ୍ରମ ନିକଟ ଶ୍ମଶାନ ଘାଟରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ବଡପୁଅ ଜିତୁ ମୁଖାଗ୍ନି ଦେଇଥିଲେ ।


## ଭାରତୀୟ ରିଜର୍ଭ ବ୍ୟାଙ୍କ

ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟର ତୃତୀୟ ମହଲା ଅଞ୍ଚଳର ନବୀକରଣ (ବୈଦ୍ୟୁତିକ କାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ–ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ **www.mstcecommerce.com/eprocn**ରେ ଆବେଦନର ଶେଷ ତାରିଖ **ଫେବୃଆରୀ ୧୩, ୨୦୨୫ ଅପରାହ୍ନ ୦୨.୦୦ଟା** ଅଟେ ।

**କ୍ଷେତ୍ରୀୟ ନିର୍ଦ୍ଦେଶକ, ଭୁବନେଶ୍ୱର**







